بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6 | ସଂଖ୍ୟା 36

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

www.akhbarbadarqadian.in

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

09 ସେପ୍ଟେମ୍ବର 2021 | 09 ତବୁକ୍ 1400 ହି.ଶ | 01 ସଫର୍ 1443 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

قُلۡ اَتَعۡبُدُوۡنَ مِنۡ دُوۡنِ اللّٰہِ مَا لَا یَمۡلِکُ لَکُمۡ ضَرًّا وَّلَا نَفۡعًا ؕ وَاللّٰہُ ہُوَ السَّمِیۡعُ الۡعَلِیۡمُ ۝

(المائدہ:77)

ଅନୁବାଦ- ତୁମ୍ଭେ ସେମାନଙ୍କୁ କୁହ, ''ତୁମମାନେ କ'ଣ ଅଲ୍ଲାଃଙ୍କୁ ପରିତ୍ୟାଗ କରି ସେପରି ବସ୍ତୁକୁ ପୁଜା କରୁଅଛ ଯାହାର ତୁମମାନଙ୍କ ପ୍ରତି କୌଣସି କ୍ଷତି ବା ଲାଭ କରିବାର ସାମର୍ଥ୍ୟ ନାହିଁ ?'' ଏବଂ ଅଲ୍ଲାଃ ହି ମହାନ୍ ଶ୍ରୋତା (ଓ) ସର୍ବଜ୍ଞ ।

*(ଅଲ୍‌ମାଇଦା: ୭୭)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ:ବ]ଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର[ଅ:ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ:ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

**ଯେତେବେଳେ ଶିଶୁଟି କାନ୍ଦିଥାଏ ଓ ଅସ୍ଥିର ହୋଇଯାଏ ସେତେବେଳେ ତା' ମା କି ପ୍ରକାରର ବ୍ୟସ୍ତବିବ୍ରତ ହୋଇ ପିଲାଟିକୁ କ୍ଷୀରପାନ କରାଇଥାଏ ।**

**ଅଲ୍ଲାଃଙ୍କ ଅନୁଗ୍ରହ ଓ କୃପା ରୂପକ କ୍ଷୀର ଏକ ଲୁହ ଆବଶ୍ୟକ କରିଥାଏ ତେଣୁ ତାହାଙ୍କ ସମ୍ମୁଖରେ ଅଶ୍ରୁଳ ଆଖି ପେଶ୍ କରିବା ଉଚିତ ।**

## ହଜରତ ମସିହ ମଉଦ[ଆ:ସ]ଙ୍କ ନୀତି ବାଣୀ

### ନମାଜର ପ୍ରକୃତ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ହେଉଛି ଦୁଆ (ପ୍ରାର୍ଥନା)

ନମାଜର ଅସଲ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ହେଉଛି ଦୁଆ (ଅର୍ଥାତ ଅଲ୍ଲାଃଙ୍କ ନିକଟରେ ନିବେଦନ) କରିବା ଏବଂ ଦୁଆ ହେଉଛି ସର୍ବଶକ୍ତିମାନ ଅଲ୍ଲାଃଙ୍କ ପ୍ରକୃତିର ନିୟମ ଅନୁରୂପ । ଆପଣ ସାଧାରଣତଃ ଏହା ଦେଖିବାକୁ ପାଇବେ ଯେ ଯେତେବେଳେ ଶିଶୁଟି କାନ୍ଦିଥାଏ ଓ ଅସ୍ଥିର ହୋଇଯାଏ ସେତେବେଳେ ତା' ମା କି ପ୍ରକାରର ବ୍ୟସ୍ତବିବ୍ରତ ହୋଇ ପିଲାଟିକୁ କ୍ଷୀରପାନ କରାଇଥାଏ । ଅଲ୍‌ଓ୍ୱହିୟତ୍ ଏବଂ ଅବୁଦିୟତ (ଅର୍ଥାତ ଈଶ୍ୱରୀୟତା ଏବଂ ଭକ୍ତିଭାବ) ମଧ୍ୟରେ ସେହି ପ୍ରକାରର ଏକ ସମ୍ପର୍କ ରହିଛି, ଯାହାକୁ ସମସ୍ତେ ବିଝିପାରିବେ ନାହିଁ । ଯେତେବେଳେ ମଣିଷ ସର୍ବଶକ୍ତିମାନ ଅଲ୍ଲାଃଙ୍କ ଦରବାରରେ ପଡ଼ିଥାଏ ଓ ଅତ୍ୟନ୍ତ ବିନମ୍ର ଓ ବିନୀତ ହୋଇ ପଡ଼ିଥାଏ ଏବଂ ନିଜର ଅବସ୍ଥାକୁ ତାହାଙ୍କ ନିକଟରେ ପେଶ୍ କରିଥାଏ ଏବଂ ତାହାଙ୍କଠାରୁ ନିଜର ଆବଶ୍ୟକତା ମାଗିଥାଏ ସେତେବେଳେ ଈଶ୍ୱରଙ୍କ ଆନ୍ତରିକତା ଓ ଅନୁଗ୍ରହ ସଂପୂର୍ଣ୍ଣ ରୂପେ ଉଛୁଳି ପଡ଼ିଥାଏ ଫଳତଃ ତା' ଉପରେ ଦୟା କରାଯାଏ ।

### କ୍ରନ୍ଦନ କରିବା

ଅଲ୍ଲାଃଙ୍କ ଅନୁଗ୍ରହ ଓ କୃପା ରୂପକ କ୍ଷୀର ଏକ ଲୁହ ଆବଶ୍ୟକ କରିଥାଏ ତେଣୁ ତାହାଙ୍କ ସମ୍ମୁଖରେ ଅଶ୍ରୁଳ ଆଖି ପେଶ୍ କରିବା ଉଚିତ । ଯେଉଁମାନେ ଏକଥା କହୁଛନ୍ତି ଯେ ଅଲ୍ଲାଃ ତାଲାଙ୍କ ସମ୍ମୁଖରେ କାନ୍ଦିବା ଓ ବିଳାପ କରିବା ଦ୍ୱାରା କିଛି ମିଳେନାହିଁ, ସେମାନଙ୍କର ଏପରି ଧାରଣା ଭୂଲ ଅଟେ । ଏହିପରି ଲୋକମାନେ ଅଲ୍ଲାଃଙ୍କ ଅସ୍ତିତ୍ୱ, ତାହାଙ୍କ ଶକ୍ତିର ଗୁଣବିଶେଷ ଓ ତାହାଙ୍କ ନିୟନ୍ତ୍ରଣ ଉପରେ ବିଶ୍ୱାସ ଆଣନ୍ତି ନାହିଁ । ଯଦି ସେମାନଙ୍କ ନିକଟରେ ପ୍ରକୃତ ଇମାନ୍ (ବିଶ୍ୱାସ) ଥା'ନ୍ତା ତା'ହେଲେ ଏପରି କେବେ ବି କହିନଥାନ୍ତେ । ଯେବେ ବି କିଏ ଅଲ୍ଲାଃଙ୍କ ନିକଟକୁ ଆସିଛି ଓ ସେ ପ୍ରକୃତ ତୌବାଃ (ଅନୁତାପ ଓ ହୃଦୟ ପରିବର୍ତ୍ତନ) କରି ତାହାଙ୍କ ନିକଟକୁ ଲେଉଟି ଆସିଛି, ସେତେବେଳେ ତା' ଉପରେ ଅଲ୍ଲାଃ କୃପା କରିଛନ୍ତି । କେହି ଜଣେ ଏ ବିଷୟରେ ବିଲ୍‌କୁଲ୍ ସତ୍ୟ କହିଛନ୍ତି ଯେ:-

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ଲୋକମାନେ ସାଧାରଣତଃ ଏକଥା ଭାବିଥାନ୍ତି ଯେ ଏଲ୍‌ହାମ୍ ହୋଇଗଲା, ଆମେ ବଡ଼ ଲୋକ ହୋଇଗଲୁ ।**

**ତେଣୁ କେବଳ ଏଲ୍‌ହାମ୍‌କୁ ଦେଖାଯିବ ନାହିଁ ବରଂ ଏହା ଦେଖାଯିବ ଯେ ସେହି ଏଲ୍‌ହାମ୍ ଭିତରେ ଅଲ୍ଲାଃ ତାଲାଙ୍କ ତରଫରୁ ପ୍ରେମର କୌଣସି ପ୍ରକାଶ ବି ଅଛି ବା ସେହି ଭକ୍ତଙ୍କ ପଦମର୍ଯ୍ୟାଦା ଓ ବୈଭବର ପ୍ରକାଶ କରିବାର ବି କିଛି ଉପାୟ ବି ରହିଛି ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍ ହିଜ୍‌ରର ଆୟତ ନଂ-୯ **ମା ନୁନଜ୍ଜିଲୁଲ୍ ମଲାଇକତା ଇଲ୍ଲା ବିଲ୍‌ହକ୍କି ୱ ମା କାନୁ ଇଜମ୍ ମୁନ୍‌ଜରିନା (ଅଲ୍ ହିଜ୍‌ର:୦୯)** ଅର୍ଥାତ "(କ'ଣ ସେମାନେ ଜାଣନ୍ତି ନାହିଁ ଯେ) ଆମ୍ଭେ ଦେବଦୂତମାନଙ୍କୁ ସତ୍ୟ ସହିତ ପ୍ରେରଣ କରିଥାଉ, ଏବଂ (ଯେତେବେଳେ ସେମାନଙ୍କୁ ଅବିଶ୍ୱାସକାରୀମାନଙ୍କ ନିକଟକୁ ପ୍ରେରଣ କରୁ) ସେତେବେଳେ ସେହି (ଅବିଶ୍ୱାସକାରୀ)ମାନଙ୍କୁ ଆଦୌ ଅବକାଶ ଦିଆଯାଏ ନାହିଁ ।" ବ୍ୟାଖ୍ୟା କରି କହିଛନ୍ତି:-

ହକ୍‌ର ଅର୍ଥ ପୂର୍ବରୁ ହୋଇସାରିଛି । ଏଠାରେ ଏହାର ଅର୍ଥ ହେଉଛି ସତ୍‌ବାଣୀ ଏବଂ ଏହାର ଭାବାର୍ଥ ହେଉଛି ଏହା କି ଫରିସ୍ତା (ଦେବଦୂତଗଣ) ଅଲ୍ଲାଃଙ୍କ ବାଣୀ ସହିତ ଅବତରଣ କରିଥାନ୍ତି କିନ୍ତୁ ତୁମେ ରସୁଲ୍ ନୁହେଁ ଯେ ତୁମ ଉପରେ ଫରିସ୍ତା ଅବତରଣ କରିବେ ଓ ନା ତୁମେ ଏହାର ଯୋଗ୍ୟ ଯେ ତୁମ୍ଭକୁ ଅଲ୍ଲାଃଙ୍କ ବାଣୀ ଦ୍ୱାରା ପୁରସ୍କୃତ କରାଯିବ କିମ୍ବା ଏଠାରେ ହକ୍‌ର ଅର୍ଥ ହେବ ବିଶେଷାଧିକାର । ଅର୍ଥାତ ଯାହାର ଅଧିକାର ଯେମିତି ଥିବ ତା' ଅନୁପାତରେ ଫରିସ୍ତା ଅବତରଣ କରିଥାନ୍ତି । ଅଲ୍ଲାଃଙ୍କ ନବୀମାନଙ୍କ ଉପରେ ଏବଂ ମୋମିନ୍ (ବିଶ୍ୱାସକାରୀ)ମାନଙ୍କ ଉପରେ ସେମାନଙ୍କ ହକ୍ ମୁତାବକ (ଫରିସ୍ତା ଅବତରଣ କରିଥାନ୍ତି) । ମୁହମ୍ମଦ ରସୁଲୁଲ୍ଲାଃ ସ୍ୱଲଲ୍ଲାହୁ ଆଲେହି ୱ ସଲ୍ଲମ୍‌ଙ୍କ ଉପରେ ଯେଉଁ ଫରିସ୍ତା ଅବତରଣ କରିଥାନ୍ତି, ସେମାନେ କରୁଣାର ଫରିସ୍ତା ଅଟନ୍ତି । ସେମାନେ ମୁହମ୍ମଦ ରସୁଲୁଲ୍ଲାଃ ସ୍ୱଲଲ୍ଲାହୁ

## ୧୨୬ ତମ ଜଲ୍‌ସା ସାଲାନା କାଦିଆନ୍

୧୨୬ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୧ ମସିହା ଡ଼ିସେମ୍ବର ମାସର ୨୪, ୨୫ ଏବଂ ୨୬ ତାରିଖ (ଶୁକ୍ର, ଶନି ଏବଂ ରବିବାର ଦିନ)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବରକତ୍ ହେବା ପାଇଁ ଏବଂ ପବିତ୍ର ଆତ୍ମାଗୁଡ଼ିକୁ ହିଦାୟତ୍ ଅର୍ଥାତ ମାର୍ଗଦର୍ଶନ ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ ।

***(ନାଜିର ଇସ୍‌ଲାହ୍ ୱ ଇରଶାଦ୍ ମର୍କଜିୟା କାଦିଆନ୍)***

## ନବୀ ସ:ଆ:ସଙ୍କ ବାଣୀ

### କୃପଣତାକୁ ନିଷେଧ ଏବଂ ଦାନପୂଣ୍ୟ କରିବାକୁ ପ୍ରୋତ୍ସାହନ

(୧୪୨୭) ହଜ୍‌ରତ୍ ହକିମ୍ ବିନ୍ ହଜାମ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ନବୀ ସ:ଆ:ସ କହିଛନ୍ତି: ତଳ ହାତ ଅପେକ୍ଷା ଉପରହାତ ଉତ୍ତମ । ପ୍ରଥମେ ସେମାନଙ୍କୁ ଦିଅ ଯେଉଁମାନଙ୍କୁ ତୁମେ ଲାଳନପାଳନ କରୁଅଛ । ସର୍ବୋତ୍ତମ ଦାନ ହେଉଛି ତାହା ଯାହା ନିଜର ଆବଶ୍ୟକତାକୁ ପୂରଣ କରିବା ପରେ ଦିଆଯାଏ । ଯିଏ (ଭିକ୍ଷା) ମାଗିବାରୁ ବଂଚିବାକୁ ଚାହିଁବ ଅଲ୍ଲାଃ ତାଲା ତାକୁ ସେଥିରୁ ବଂଚାଇବେ ଏବଂ ଯିଏ ଗିନା (ଅର୍ଥାତ ସମ୍ପନ୍ନତା) ହାସଲ କରିବାକୁ ଚାହିଁବ ଅଲ୍ଲାଃ ତାଲା ତାକୁ ଗନି (ଅର୍ଥାତ ସମ୍ପନ୍ନ) କରିଦେବେ ।

(୧୪୩୧) ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ ଇଦ୍ ଦିନ ବାହାରକୁ ଆସିଲେ ଓ ଦୁଇ ରେକାତ ନମାଜ ପଢ଼ାଇଲେ । ଇଦ୍ ନମାଜ ପୂର୍ବରୁ ନା କୌଣସି ନମାଜ ପଢ଼ିଲେ ନା ପରେ । ପୁଣି ମହିଳାମାନଙ୍କ ଆଡ଼କୁ ଗଲେ ଓ ମହାଭାଗ ସ:ଆ:ସଙ୍କ ସାଥିରେ ହଜ୍‌ରତ୍ ବିଲାଲ୍ ର:ଅ ଥିଲେ । ମହାଭାଗ ସ:ଆ:ସ ସେମାନଙ୍କୁ (ଅର୍ଥାତ ମହିଳାମାନଙ୍କୁ) ଉପଦେଶ ପ୍ରଦାନ କଲେ ଓ କହିଲେ ଯେ ସେମାନେ ସଦ୍‌କାଃ (ଦାନପୂଣ୍ୟ) ଦିଅନ୍ତୁ । ଏଥିରେ କେଉଁ ମହିଳା ନିଜ ହାତର ଚୁଡ଼ି ଫିଙ୍ଗିବାକୁ ଲାଗିଲା ତ' ଆଉ କିଏ ନିଜ କାନର କାନଫୁଲ ।

(୧୪୩୩) ହଜ୍‌ରତ୍ ଅସ୍‌ମାଆ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ ମତେ କହିଲେ: ବାନ୍ଧିକି ରଖ ନାହିଁ । (ଖୋଲି ଦିଅ) ନଚେତ ତୁମଠାରୁ ରୋକି ନିଆଯିବ ।

* ଉସ୍‌ମାନ୍ ବିନ୍ ଅବି ଶୈବାଃ ଅବ୍‌ଦାଃଙ୍କଠାରୁ ରିଓ୍ୱାତ୍ କରି ଏହି ହଦିସ୍ ଆମକୁ ବର୍ଣ୍ଣନା କଲେ ଓ ଏହି ବାକ୍ୟ କହିଲେ:- ଗଣିବାରେ ଲାଗି ରୁହ ନାହିଁ ଅନ୍ୟଥା ଅଲ୍ଲାଃ ତାଲା ତୁମକୁ ଗଣି ଗଣିକି ହିଁ ଦେବେ । ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରଣ ୨୦୦୮ କାଦିଆନ୍)***

ଆଲୈହେ ଓ୍ୱ ସଲ୍ଲମ୍‌ଙ୍କୁ ହିଁ ଦେଖାଦେଇଥାନ୍ତି, ସେମାନେ ଅଲ୍ଲାଃଙ୍କ ଅଭିଷାପ ପାଇଥିବା ଲୋକମାନଙ୍କୁ କିପରି ଦେଖାଦେବେ ? ସେମାନଙ୍କ ଉପରେ ଯେବେ ବି ଫରିସ୍ତା ଅବତରଣ କରିବେ, କ୍ରୋଧର ଫରିସ୍ତା ହିଁ ଅବତରଣ କରିବେ ଏବଂ ସେତେବେଳେ ଫରିସ୍ତାଙ୍କୁ ଦେଖିବା ଦ୍ୱାରା ସେମାନଙ୍କର କିଛି ଲାଭ ହେବ ନାହିଁ, କାରଣ ଫରିସ୍ତାମାନେ ସେମାନଙ୍କୁ ଶେଷ କରିବା ପାଇଁ ଆସିବେ ଏବଂ ଫରିସ୍ତାମମାନଙ୍କ ଆସିବା ପରେ ଅଇମତୁଲ୍ କୁଫୁର୍ (ଅର୍ଥାତ ଅବିଶ୍ୱାସକାରୀମାନଙ୍କ ମୁଖିଆ)ମାନଙ୍କୁ ଅବକାଶ ମିଳିବ ନାହିଁ । ସୁତରାଂ ବଦର ଯୁଦ୍ଧ ଅବସରରେ ଏହି ଦଣ୍ଡ ପ୍ରଦାନକାରୀ ଫରିସ୍ତାମାନେ ଆସିଲେ ଏବଂ କେତେକ କୁଫ୍‌ଫାର୍ (ଅବିଶ୍ୱାସକାରୀ)ମାନଙ୍କୁ କଶ୍‌ଫି (ଅର୍ଥାତ ଜାଗ୍ରତ ଅବସ୍ଥାରେ ଅଲୌକିକ ଦୃଶ୍ୟ ଦେଖିବା) ଅବସ୍ଥାରେ ସେହି ଫରିସ୍ତାମାନେ ଦେଖା ମଧ୍ୟ ଦେଇଛନ୍ତି । କିନ୍ତୁ ସେହି ସମୟଟି ସେମାନଙ୍କ ପାଇଁ ମୃତ୍ୟୁର ସମୟ ଥିଲା । ତାଙ୍କଠାରୁ ସେମାନେ କ'ଣ ବା ଲାଭ ଉଠାଇ ପରିଥାନ୍ତେ । ଏଠାରେ ଏକ ବହୁତ ବଡ଼ ବିନ୍ଦୁ ଦର୍ଶା ଯାଇଅଛି । ତାହା ହେଉଛି ଏହା କି ଫରିସ୍ତା (ଦେବଦୂତ)ମାନଙ୍କ ବାଣୀ ମଣିଷର ହୃଦୟ ଅନୁସାରେ ହୋଇଥାଏ । ଯେଉଁଭଳି ମଣିଷ ହୋଇଥିବ ସେହିଭଳି ଏଲ୍‌ହାମ୍ (ସ୍ୱର୍ଗବାଣୀ) ତା' ଉପରେ ହେବ । ଲୋକମାନେ ସାଧାରଣତଃ ଏକଥା ଭାବିଥାନ୍ତି ଯେ ଏଲ୍‌ହାମ୍ ହୋଇଗଲା, ଆମେ ବଡ଼ ଲୋକ ହୋଇଗଲୁ । ଯେବେ କି ଏହା ଯଥେଷ୍ଟ ନୁହଁ କାରଣ ମଣିଷର ନିଜ ପ୍ରକୃତି ଅନୁସାରେ ହିଁ ଏଲ୍‌ହାମ୍ ହୋଇଥାଏ । ଜଣେ ପାହାଡ଼ିଆ ଲୋକ ମଜୁରୀ ଇତ୍ୟାଦି କାମ କରିବା ପାଇଁ କାଦିଆନ୍ ଆସୁଥିଲେ । ସେ ସାଧାରଣତଃ ଆମ ଘରର କାମ କରୁଥିଲେ । ବେଳେବେଳେ କୌଣସି କାମ ପାଇଁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ (ପ୍ରଥମ) ର:ଅଙ୍କ ନିକଟକୁ ଚାଲିଯାଉଥିଲେ, ତେଣୁ ହଜ୍‌ରତ୍ ଖଲିଫା ଅଓ୍ୱଲ୍ ତାଙ୍କୁ ନମାଜ ପଢ଼ିବା ପାଇଁ ତାଗିଦ୍ କରୁଥିଲେ । ସେହି ପାହାଡ଼ି ଲୋକଟି ଖଲିଫା ଅଓ୍ୱଲ୍‌ଙ୍କୁ ଉତର ଦେଇଥିଲେ ଯେ **"ନମାଜ୍ ସାନୁଁ ପଜ୍‌ଦି ନିଁ"** (ଅର୍ଥାତ ଆମ ପାଇଁ ଉପଯୁକ୍ତ ନୁହେଁ) । ସଂଯୋଗବଶତଃ ଦିନେ ହଜୁର ତାଙ୍କୁ ମସ୍‌ଜିଦ୍‌ରେ ନମାଜ ପଢୁଥିବାର ଦେଖିନେଲେ । ନମାଜ ପଢ଼ିସାରିବା ପରେ ପଚାରିଲେ କ'ଣ କଥା ? ଅତଃ ସେ ଉତର ଦେଲା ଯେ ଆଜି ମତେ ଏଲ୍‌ହାମ୍ ହୋଇଛି କି **"ଉଠ୍ ଓ୍ୱେ ସୋରା ନମାଜ ପଢ଼"** ଅର୍ଥାତ ହେ ଘୁଷୁରୀ ଉଠି ନମାଜ ପଢ଼ । ତେଣୁ ମୁଁ ନାମଜ ପଢ଼ିବା ଆରମ୍ଭ କରିଦେଇଛି । ତେବେ ଏକଥା ତ' ସ୍ପଷ୍ଟ ଯେ ଏହି ଏଲ୍‌ହାମ୍ ଶୈତାନ୍ ତରଫରୁ ତ' ହୋଇ ନପାରେ । ଏହା ନିଶ୍ଚିତ ରୂପେ ଈଶ୍ୱରୀୟ ଏଲ୍‌ହାମ୍ ଥିଲା କିନ୍ତୁ ତା ସ୍ତର ମୁତାବକ ଥିଲା । ତେଣୁ କେବଳ ଏଲ୍‌ହାମ୍‌କୁ ଦେଖାଯିବ ନାହିଁ ବରଂ ଏହା ଦେଖାଯିବ ଯେ ସେହି ଏଲ୍‌ହାମ୍ ଭିତରେ ଅଲ୍ଲାଃ ତାଲାଙ୍କ ତରଫରୁ ପ୍ରେମର କୌଣସି ପ୍ରକାଶ ବି ଅଛି ବା ସେହି ଭକ୍ତଙ୍କ ପଦମର୍ଯ୍ୟାଦା ଓ ବୈଭବର ପ୍ରକାଶ କରିବାର ବି କିଛି ଉପାୟ ବି ରହିଛି ।

ଏହି ଆୟତରୁ ଗୋଟିଏ ସାଧାରଣ ନିୟମ ବିଷୟରେ ଜ୍ଞାତ ହୁଏ ଏବଂ ତାହା ହେଉଛି ଏହା କି ଫରିସ୍ତା (ଦେବଦୂତମାନଙ୍କର) ଅବତରଣ ହେବା ସତ୍ୟ ଅଟେ । ଏକଥା ସ୍ପଷ୍ଟ ଯେ ମୋମିନ୍‌ମାନଙ୍କ ମଧ୍ୟରେ ନିମ୍ନସ୍ତରର, ଉଚ୍ଚ ସ୍ତରର, ମାମୁର (ଅର୍ଥାତ ଈଶ୍ୱରଙ୍କ ତରଫରୁ ନିଯୋଜିତ ହୋଇଥିବା ବ୍ୟକ୍ତି ବିଶେଷ) ଏବଂ ଗଏର୍ ମାମୁର୍ (ଅର୍ଥାତ ଈଶ୍ୱରଙ୍କ ତରଫରୁ ନିଯୋଜିତ ନ ହୋଇଥିବା) ସମସ୍ତେ ସାମିଲ ଅଛନ୍ତି । ସେହିଭଳି ନବୀମାନଙ୍କ ମଧ୍ୟରେ, ସେମାନଙ୍କ ପଦବୀ ଓ ସ୍ତର ଅନୁଯାୟୀ ପାର୍ଥକ୍ୟ ମଧ୍ୟ ରହିଛି । ହଜ୍‌ରତ୍ ଖାତ୍‌ମୁନ୍ ନବୀୟିନ୍ ଆ:ସ ମଧ୍ୟ ସେହିପରି ନବୀ ବୋଲାଇଥାନ୍ତି ଯେଉଁଭଳି ଜକରିଆ, ଇଲ୍‌ୟାସ୍ ଏବଂ ୟୁସୁଫ୍ ଆ:ସ ବୋଲାଇଥାନ୍ତି । ଅତଃ ଯେଉଁଭଳି ପଦବୀରେ ଭୂଷିତ ହୋଇ ମଧ୍ୟ ସମସ୍ତେ ସମାନ ନୁହନ୍ତି ସେହିଭଳି ସମସ୍ତଙ୍କର ଓ୍ୱହି (ଐଶିବାଣୀ), ଓ୍ୱହି ହୋଇଥିଲେ ବି ସମାନ ହୋଇପାରେ ନାହିଁ । ପ୍ରତ୍ୟେକ ନବୀଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ବାଣୀ ସେମାନଙ୍କ ପଦମର୍ଯ୍ୟାଦା ଓ ଗୌରବ ଅନୁସାରେ ହୋଇଥାଏ । ଏହି ସିଦ୍ଧାନ୍ତ ଉପରେ ଧ୍ୟାନ ଦେଲେ ଉକ୍ତ ପ୍ରଶ୍ନର ସମାଧାନ ମିଳିଯାଏ ଯେ ତୌରାତ୍, ଇଞ୍ଜିଲ୍ ଏବଂ ଜବୁର୍ ଇତ୍ୟାଦି ପୁସ୍ତକ କାହିଁକି ପବିତ୍ର କୁର୍‌ଆନ୍ ଭଳି ଅନନ୍ୟ ନୁହନ୍ତି । ଯେଉଁ ଅମ୍ବିୟା (ନବୀମାନଙ୍କ) ଉପରେ, ସେମାନଙ୍କ ସ୍ତର ମୁତାବକ ଐଶିବାଣୀ ଅବତୀର୍ଣ୍ଣ ହେଲା, ସେଥିରେ ଖୁଦାତାଲା ବରକତ୍ (ବୈଭବ) ପ୍ରଦାନ କଲେ । ଏହା କିପରି ହୋଇପାରିଥାନ୍ତା ଯେ ଅଲ୍ଲାଃ ତାଲା ଭିନ୍ନ ଭିନ୍ନ ନବୀଙ୍କୁ ଭିନ୍ନ ଭିନ୍ନ କାର୍ଯ୍ୟ ନ୍ୟସ୍ତ କରିଥାନ୍ତେ କିନ୍ତୁ ସମସ୍ତଙ୍କୁ ଗୋଟିଏ ସାମାନ୍ ଦେଇଥାନ୍ତେ । ବାସ୍ତବରେ କାର୍ଯ୍ୟ ଅନୁଯାୟୀ ହିଁ ତାଙ୍କୁ ସାମାନ୍ ଦେବାର ଥିଲା ଓ କାର୍ଯ୍ୟ ମୁତାବକ ହିଁ କର୍ମଚାରୀ ମୃତୟନ କରିବାର ଥିଲା । ***(ତଫ୍‌ସୀର୍ କବୀର୍, ଖଣ୍ଡ-୫, ପୃ-୧୩, ମୁଦ୍ରଣ ୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

***ଆଶିକ୍ କେ ଶୁଦ୍ କେ ୟାର୍ ବହାଲିଶ୍ ନଜର ନା କରଦ୍***

***ଆଏ ଖ୍ୱାଜା ଦରଦ୍ ନେସ୍ତ ଓ୍ୱଗରନା ତବିବ୍ ହସ୍ତ୍***

(ଅର୍ଥାତ:- ଏମିତି କିଏ ପ୍ରେମିକ ଅଛି ଯିଏ ଭଲ ପାଉଥିବା ପ୍ରିୟତମଙ୍କ ପ୍ରତି ଦୃଷ୍ଟି ଦେଉନଥିବ । ମାନ୍ୟବର ! ଯନ୍ତ୍ରଣା ହିଁ ନାହିଁ ନଚେତ ବୈଦ୍ୟ ତ' ଉପସ୍ଥିତ ଅଛନ୍ତି ।)

ସର୍ବଶକ୍ତିମାନ ଅଲ୍ଲାଃ ଏହା ଚାହୁଁଛନ୍ତି ଯେ ତୁମେ ଶୁଦ୍ଧ ହୃଦୟ ନେଇ ଅର୍ଥାତ ସହୃଦୟତାର ସହିତ ତାହାଙ୍କ ନିକଟକୁ ଆସ । କେବଳ ଏତିକି ସର୍ତ ରହିଛି ଯେ ତାହାଙ୍କ କଥା ଅନୁସାରେ ନିଜକୁ ଗଢ଼ ଓ ନିଜ ଭିତରେ ପ୍ରକୃତ ପରିବର୍ତନ ଆଣ । ଅଲ୍ଲାଃଙ୍କ ନିକଟରେ ଅଦ୍ଭୁତ ଚମତ୍କାରୀ ଶକ୍ତି ରହିଛି ଓ ସେଥିରେ ଅସୀମ ଅନୁଗ୍ରହ ଓ ଆର୍ଶିବାଦ ରହିଛି କିନ୍ତୁ ତାହାକୁ ଦେଖିବା ପାଇଁ ଓ ପାଇବା ପାଇଁ ପ୍ରେମପୂର୍ଣ୍ଣ ଆଖିକୁ ବିକଶିତ କର । ଯଦି ପ୍ରକୃତ ପ୍ରେମ ଥାଏ, ତା'ହେଲେ ସର୍ବଶକ୍ତିମାନ ଅଲ୍ଲାଃ ବହୁତ ଦୁଆ (ପ୍ରାର୍ଥନା) ଶୁଣିଥାନ୍ତି ଏବଂ ସାହାଯ୍ୟ ସମର୍ଥନ କରିଥାନ୍ତି କିନ୍ତୁ ସର୍ତ ଏହା ରହିଛି ଯେ ଖୁଦାତାଲାଙ୍କ ପ୍ରତି ପ୍ରେମ ଓ ଆନ୍ତରିକତା ଦେଖାଇବାକୁ ହେବ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୨୦ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଅତଏବ ପେଶ୍‌ଗୋଇ ମୁତାବକ ଏକଥା ତ ହେବାର ଥିଲା ତେଣୁ ଯେଉଁ ଲୋକମାନେ ଏକଥା ରିଅଲାଇଜ୍ କରୁଛନ୍ତି ସେମାନେ ସାମିଲ ମଧ୍ୟ ହେଉଛନ୍ତି । ଏବେ ଦେଖନ୍ତୁ ଆପଣଙ୍କ ମାଆବାପା, ବାପା ଜେଜେବାପା ମଧ୍ୟ କୌଣସି ଏକ ସମୟରେ କୌଣସି କାରଣ ଯୋଗୁଁ ହିଁ ଅହେମଦିୟତ୍‌ରେ ସାମିଲ ହୋଇଥିଲେ ଯଦି ଏକଥା କୁହାଯାଏ ଯେ, ଗୋଟିଏ ମିନିଟରେ ଏପରି ହୋଇଯାଉ ତାହାହେଲେ ଏହା କେବେ ବି ହୋଇପାରିବ ନାହିଁ । ଏମିତି ମଧ୍ୟ ହୋଇନଥାଏ । ବେଳେବେଳେ ତବ୍‌ଲିଗ୍ ଜରିଆରେ ଓ ବେଳେବେଳେ ଐଶି ଚମତ୍କାର ଜରିଆରେ ଲୋକମାନେ ସାମିଲ ହୋଇଥାଆନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏ ଭବିଷ୍ୟବାଣୀ କରିଥିଲେ ଯେ, ତାଉନ୍ (ପ୍ଲେଗ)ର ମହାମାରୀ ପଡ଼ିବ, ଭୂମିକମ୍ପ ଆସିବ ଓ ଏହା ସବୁ ମୋ ସମୟର ଐଶି ନିଦର୍ଶନ । ପୁଣି ଏମାନେ ସମସ୍ତେ ଏ ଯୁଗରେ ଏମିତି ଦଳ ଦଳ ହୋଇ ଆସିଲେ ଯେ, ତାଉନ୍ ମହାମାରୀ ପରେ ପ୍ରତ୍ୟେକ ଦିନ ଚାରି ପାଂଚଶହ ବୟତ ହେଉଥିଲା । ଏବେ ମଧ୍ୟ ଯେଉଁଠି ଲୋକମାନେ ଐଶି ନିଦର୍ଶନ ଦେଖୁଛନ୍ତି ସେଠାରେ ଅହେମଦିୟତ୍‌ରେ ସାମିଲ ହେଉଛନ୍ତି । ଆଫ୍ରିକାର ରିପୋର୍ଟଗୁଡ଼ିକ ହସ୍ତଗତ ହେଉଅଛି ବେଳେବେଳେ ମୁଁ ସେହି ବିଷୟରେ କହିଥାଏ । ଲୋକମାନେ ନିଶାନ୍ (ଐଶି ନିଦର୍ଶନ) ଦେଖି ଏତେ ପ୍ରଭାବିତ ହେଉଛନ୍ତି ଯେ, ସମଗ୍ର ଗ୍ରାମ ଅହେମଦି ହୋଇଯାଉଛନ୍ତି । ଦୁଇ ଦୁଇ ଶହ ଚାରି ଚାରି ଶହ ଘର ଅହେମଦି ହୋଇଯାଉଛନ୍ତି । ଦୁଇ ଚାରି ଶହ ଘରର ଅର୍ଥ ହେଉଛି ହଜାର ବାରଶହ ଲୋକ । ବେଳେବେଳେ ଛୋଟ ଛୋଟ ବସ୍ତି ଛୋଟ ଛୋଟ କସ୍‌ବା ଏବଂ ଛୋଟ ଛୋଟ ଟାଉନ୍‌ର ଲୋକମାନେ ସବୁ ଅହେମଦି ହୋଇଯାଉଛନ୍ତି । ଅତଏବ ସେମାନେ ସାମିଲ ହେଉଛନ୍ତି । ଗୋଟିଏ ଦିନରେ ତ' ଏ ସାରା ଦୁନିଆ ଗ୍ରହଣ କରିନେବ ନାହିଁ । ଇସ୍‌ଲାମ୍ ଧର୍ମ ମଧ୍ୟ ଏ ପୃଥିବୀରେ ଗୋଟିଏ ଦିନରେ ବ୍ୟାପି ଯାଇନଥିଲା ।

**ଜର୍ନାଲିଷ୍ଟ ସାହେବ ପଚାରିଲେ ଯେ, ଯେଉଁ ଗଲ୍‌ବା (ବିଜୟ)ର ଭବିଷ୍ୟବାଣୀ ରହିଛି ତାହା କ'ଣ ତବ୍‌ଲିଗ୍ ମାଧ୍ୟମରେ ହେବ ବା ଆପଣ ଯେଉଁ କଥା କହୁଛନ୍ତି ଯେ, କୌଣସି Catastrophical Event (ପ୍ରାକୃତିକ ବିପର୍ଯ୍ୟୟ ବା ଯୁଦ୍ଧ) ଜରିଆରେ ହେବ ।**

ଏହି ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ପ୍ରଶ୍ନ ହେଉଛି ଏହା କି ଯେ, ଆମର କାମ ହେଉଛି ତବ୍‌ଲିଗ୍ କରିବା । ଏହି କଥା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି ଯେ, ତବ୍‌ଲିଗ୍ କରିବାପାଇଁ ଯେଉଁ ନିର୍ଦ୍ଦେଶ ଅଛି ତାହା ତୁମ ଉପରେ ଅବତୀର୍ଣ୍ଣ କରାଗଲା । ତେଣୁ ତବ୍‌ଲିଗ୍ ତ କରିବାକୁ ହେବ କିନ୍ତୁ ଯଦି ତବ୍‌ଲିଗ୍ କରିବା ପରେ ଅନ୍ୟମାନେ ଅତ୍ୟାଚାର କରିବା ପାଇଁ ଛିଡ଼ା ହୋଇଥାଆନ୍ତି ତାହାହେଲେ ପୁଣି ଐଶି ନିଦର୍ଶନ ମଧ୍ୟ ଅବତୀର୍ଣ୍ଣ ହୋଇଥାଏ । ଏହି ବିରୋଧି ଗୋଷ୍ଠୀର ଲୋକମାନେ ଏକଥାକୁ ମାନୁଛନ୍ତି । ଏବେ ପାକିସ୍ତାନରେ ଯେଉଁ ବନ୍ୟା ଆସିଥିଲା, ଭୂକମ୍ପ ଆସିଥିଲା ସେତେବେଳେ ଗୈର୍ ଅହେମଦୀ ମୌଲବୀମାନେ ନିଜେ ଏକଥା କହିଥିଲେ ଯେ, ଏହା ସବୁ ହେଉଛି ଅଲ୍ଲାଃ ତାଲାଙ୍କର ଅଜାବ୍ (ଅର୍ଥାତ ଦଣ୍ଡ) ଯାହା ଆମମାନଙ୍କ ଉପରେ ଆସିଅଛି ତେଣୁ ଆମକୁ ଚିନ୍ତା କରିବାକୁ ହେବ ଯେ, ଆମେ କେଉଁଠାରେ ଭୁଲ କରୁଅଛେ । କିନ୍ତୁ ଏକଥା ମଧ୍ୟ ସେମାନେ ତାହା ସହିତ କହିଦେଲେ ଯେ, କାଦିୟାନୀମାନଙ୍କ

*ଅବଶିଷ୍ଟାଂଶ ପୃଷ୍ଠା- ୦୭ ରେ ଦେଖନ୍ତୁ...*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

''ମୁଁ ତ ଏହା ହିଁ ପସନ୍ଦ କରିଥାଏ.................. ମୋ ସ୍ୱଭାବ ଓ ପ୍ରକୃତି ଏକଥା ଚାହିଁଥାଏ ଯେ ଯେଉଁ କାର୍ଯ୍ୟ ମଧ୍ୟ କରାଯାଉ ତାହା କେବଳ ଅଲ୍ଲାଃଙ୍କ ପାଇଁ ହେଉ ।'' (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

**ଜଲ୍‌ସା ସାଲାନା ବ୍ରିଟେନ୍ ୨୦୨୧ ଅବସରରେ ଅତିଥି ଏବଂ ଆତିଥ୍ୟତା (Hosting) କରୁଥିବା ଲୋକ ଉଭୟଙ୍କୁ ନିଜ ନିଜର କର୍ତବ୍ୟ ସମ୍ପାଦନ କରିବା ନିମନ୍ତେ ଓ ତତ୍‌ସହିତ କିଛି ପ୍ରଶାସନିକ ବିଷୟ ବାବଦରେ ମୂଲ୍ୟବାନ ଉପଦେଶ**

ଏ ଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏପରି ଉଚ୍ଚ ନୈତିକତାର ଛବି ପ୍ରତିଷ୍ଠା କରିଛନ୍ତି, ଯାହା ଆମେ ଏ ଦୁନିଆରେ ଉପସ୍ଥାପନ କରିପାରିବା

ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଜଣେ ମୋମିନ୍ (ବିଶ୍ୱାସୀ)ର ଲକ୍ଷଣ ଏହା ବତାଇଛନ୍ତି ଯେ ସେ ଅତିଥିଙ୍କୁ ଆଦର ସମ୍ମାନ କରିଥାଏ ।

ଅତିଥିମାନେ ମଧ୍ୟ ଏକଥା ସର୍ବଦା ମନେରଖିବା ଉଚିତ ଯେ ଇସ୍‌ଲାମ୍ ଯେଉଁଠି ହୋଷ୍ଟ(Host)ଙ୍କୁ ଅତିଥିମାନଙ୍କର ଆଦର ସମ୍ମାନ କରିବାକୁ ନିର୍ଦ୍ଦେଶ ଦେଇଛି ସେଠାରେ ଅତିଥିମାନଙ୍କୁ ମଧ୍ୟ ଏକଥା ପ୍ରତି ଧ୍ୟାନ ଆକର୍ଷଣ କରାଇଛି ଯେ ଜଣେ ଅତିଥି ଭାବରେ ତୁମର କ'ଣ ସବୁ କର୍ତବ୍ୟ ରହିଛି ।

ଯେଉଁମାନଙ୍କୁ ଜଲ୍‌ସାରେ ସାମିଲ ହେବାପାଇଁ ନିମନ୍ତ୍ରଣ ପତ୍ର ମିଳିଛି, ଯଦି ସେମାନଙ୍କର କୌଣସି ମଜ୍‌ବୁରି ନାହିଁ ତା'ହେଲେ ନିଶ୍ଚୟ ଏହି ଜଲ୍‌ସାରେ ସାମିଲ ହୁଅନ୍ତୁ । ଯଦି ସାମିଲ ନ ହେବେ ତା'ହେଲେ ସେମାଙ୍କର ଅଧିକାର କ୍ଷୁର୍ଣ୍ଣ ହେବ ଯେଉଁମାନଙ୍କୁ ନିମନ୍ତ୍ରଣ ପତ୍ର ମିଳିନାହିଁ । ତେଣୁ ଖରାପ ପାଗର ବାହାନା କରନ୍ତୁ ନାହିଁ ।

ବହୁତ ଦିନ ପରେ ଆପୋଷରେ ସାକ୍ଷାତ କରିବା ଆପଣମାନଙ୍କୁ ଜଲ୍‌ସାର ପ୍ରୋଗ୍ରାମ ଶୁଣିବାକୁ ବଂଚିତ ନ କରିଦେଉ ବା ଦୁଆ କରିବାରୁ ବଂଚିତ ନ କରିଦେଉ । ଯଦି ଜଲ୍‌ସାକୁ ଆସିଛନ୍ତି ତା'ହେଲେ ଏଥିରୁ ଭରପୁର ଲାଭ ଉଠାନ୍ତୁ ।

ଏହି ଜଲ୍‌ସାର ଦିନଗୁଡ଼ିକରେ ଅଲ୍ଲାଃ ତାଲାଙ୍କୁ ସ୍ମରଣ କରିବା ଓ ଅଲ୍ଲାଃଙ୍କ କୃପାକୁ ଆବୋରିବା ପାଇଁ ଅବସର ମିଳିଥାଏ । ତେଣୁ ଏହି ଦିନମାନଙ୍କରେ ବିଶେଷ ଭାବରେ ଅଲ୍ଲାଃଙ୍କୁ ସ୍ମରଣ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ସାରା ଦୁନିଆର ଅହେମଦୀମାନେ ଯେଉଁଠି ବି ଏକାଠି ହୋଇ ଜଲ୍‌ସା ଶୁଣୁଛନ୍ତି ବା ଘର ଲୋକଙ୍କ ସହିତ ମିଶି ଜଲ୍‌ସା ଶୁଣୁଛନ୍ତି, ସେମାନେ ବି ଜିକ୍‌ରେ ଇଲାହି ଅର୍ଥାତ ଅଲ୍ଲାଃଙ୍କୁ ସ୍ମରଣ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ଯଦ୍ୱାରା ଅଧିକରୁ ଅଧିକ ଆମେ ଅଲ୍ଲାଃଙ୍କ କୃପାକୁ ଆବୋରି ପାରିବା, ନିଜର ଆଧ୍ୟାତ୍ମିକ ସ୍ଥିତିକୁ ସୁଧାରି ପାରିବା ଓ ସମସ୍ତ ବିପଦ ଆପଦରୁ ଆମେ ବଂଚିପାରିବା ।

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]
(ପ୍ରଦତ୍ତ: ୦୬ ଅଗଷ୍ଟ ୨୦୨୧ ଅନୁଯାୟୀ ୦୬ ଜହୁର୍ ୧୪୦୦ ହିଜ୍‌ରି ଶମ୍‌ସି)

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜି ଇନ୍‌ଶାଅଲ୍ଲାଃ ଜଲ୍‌ସା ସାଲାନା ବ୍ରିଟେନ୍ ଆରମ୍ଭ ହେଉଅଛି । ଏହି ଅବସରରେ ମୁଁ ସର୍ବପ୍ରଥମେ ଏହା କହିବାକୁ ଚାହୁଁଛି ଯେ, ଜଲ୍‌ସା ମଙ୍ଗଳପ୍ରଦ ଭାବରେ ଆୟୋଜିତ ହେବାପାଇଁ ବହୁତ ଦୁଆ କରିବେ ଏବଂ ଏହା ମଧ୍ୟ ଦୂଆ କରିବେ ଏହି ଜଲ୍‌ସାରେ ଯୋଗ ଦେଇଥିବା ସମସ୍ତ ଲୋକେ ପୂଣ୍ୟ ଏବଂ ଧର୍ମପରାୟଣତାରେ ଅଧିକ ଉନ୍ନତି କରନ୍ତୁ । କରୋନା ରୋଗ ଯୋଗୁଁ ଜଲ୍‌ସାରେ ଅଂଶ ଗ୍ରହଣକାରୀଙ୍କର ସଂଖ୍ୟା ଖୁବ୍ ସୀମିତ ରହିବ କିନ୍ତୁ ମୋତେ ସୁଚନା ମିଳିଛି ଯେ, ଲୋକମାନେ ଅର୍ଥାତ ଅହେମଦୀମାନେ ନିଜ ନିଜ ଘରେ ଓ କିଛି ସ୍ଥାନରେ ଜମାତି ବ୍ୟବସ୍ଥା ଅନ୍ତର୍ଗତ ମସ୍‌ଜିଦ୍‌ରେ, ଯେଉଁଠି ହଲ୍‌ର ବ୍ୟବସ୍ଥା ରହିଛି ସେ ସମସ୍ତ ସ୍ଥାନରେ ଜଲ୍‌ସା ଶୁଣିବାର ବ୍ୟବସ୍ଥା ରହିଛି । ସେ ଯାହା ହେଉ ନା କାହିଁକି ଯେଉଁମାନେ ବି ଏହିପରି ଜଲ୍‌ସାରେ ଅଂଶଗ୍ରହଣ କରୁଛନ୍ତି ସେମାନେ ଏହି ମନୋଭାବ ପୋଷଣ କରି ଜଲ୍‌ସାରେ ସାମିଲ ହୁଅନ୍ତୁ ଯେ, ସେମାନେ ଯେପରି ଜଲ୍‌ସାଗାଃରେ ବସିଛନ୍ତି, ଜଲ୍‌ସା ସ୍ଥଳୀରେ, ସମ୍ମୀଳନୀରେ ଉପସ୍ଥିତ ଅଛନ୍ତି । ତେଣୁ ଆପଣମାନେ ଏହି ସମୟକୁ ଦୁଆ ତଥା ଈଶ୍ୱର ଚର୍ଚ୍ଚାରେ ଈଶ୍ୱରଙ୍କୁ ସ୍ମରଣ କରିବାରେ ଅତିବାହିତ କରିବେ ।

ଚଳିତ ବର୍ଷର ଜଲ୍‌ସା ଆୟୋଜନ କରିବା ଇନ୍ତେଜାମିଆ (ବ୍ୟବସ୍ଥାପକ)ଙ୍କ ପାଇଁ ଓ ଜଲ୍‌ସାରେ ସାମିଲ ହୋଇଥିବା ଲୋକମାନଙ୍କ ପାଇଁ ଏକ ନୂଆ ପ୍ରୟୋଗ ଓ ଅନୁଭବ । ତେଣୁ ଜଲ୍‌ସାରେ ଅଂଶଗ୍ରହଣକାରୀଙ୍କ ପାଇଁ ପରିସ୍ଥିତି ସମ୍ପୁର୍ଣ୍ଣ ଭିନ୍ନ ଅଟେ । ଏଥିର ଅତିଥିମାନଙ୍କୁ କେତେକ ସୁବିଧା ଉପଲବ୍ଧ ହେବନାହିଁ । ଏଣୁ ଅଂଶଗ୍ରହଣକାରୀମାନେ ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଯଦି କିଛି କମ୍ ବେଶି ହୋଇଯାଏ ତାହାକୁ ଧରିବେ ନାହିଁ ଓ ଏହି ପ୍ରସଙ୍ଗକୁ ଭିତି କରି ଦୁଆ କରିବେ ଯେ ଅଲ୍ଲାଃ ତାଲା ଯଥାଶିଘ୍ର ପରିସ୍ଥିତିକୁ ସୁଧାରି ଦିଅନ୍ତୁ ଫଳତଃ ଆମର ଏହି ଜଲ୍‌ସା ପୂର୍ବଭଳି ବୈଭବପୂର୍ଣ୍ଣ ହୋଇପାରିବ । କିଛି ଲୋକ ଆପତି ଅଭିଯୋଗ କରିଛନ୍ତି ଯେ ଆମକୁ ଜଲ୍‌ସାରେ କେତେକ ସର୍ତାବଳୀ ମୁତାବକ ସାମିଲ ହେବାକୁ ଦିଆଗଲା ନାହିଁ ବା କେତେକ ସ୍ଥାନରେ ଚୟନ ଠିକ୍ ହେଲା ନାହିଁ । ସେ ଯାହା ହେଉ ଇନ୍ତେଜାମିଆ ଏ ସମ୍ବନ୍ଧରେ ନିଜର ବାହାନା ପେଶ୍ କରୁଛି । ତାଙ୍କର ଏହି ବାହାନା ଠିକ୍ ବା ଭୂଲ୍ ଏହାକୁ ଛାଡ଼ି ଦିଅନ୍ତୁ । ମୁଁ ଜମାତ୍‌କୁ ଏହା କହିବି ଯେ ଏଠାରେ ମଧ୍ୟ କତା ଧର ନାହିଁ ଓ ଭାବନ୍ତୁ ଯେ ପ୍ରଥମ ଥର ଏମାନେ ଏହା କରିଛନ୍ତି ତେଣୁ କିଛି ଭୁଲ ରହି ଯାଇଥିବ ତେଣୁ କ୍ଷମା କରିଦିଅନ୍ତୁ କୌଣସି ପ୍ରକାର ଅସନ୍ତୋଷ ଭାବ ମନ ଭିତରେ ଆଣନାହିଁ ।

ଏହାପରେ ମୁଁ ଜଲ୍‌ସା ଏବଂ ଆତିଥ୍ୟତା ସମ୍ବନ୍ଧରେ କିଛି କଥା କହିବି । ସାଧାରଣତତଃ ଜଲ୍‌ସା ଦିନ ଖୁତ୍‌ବାରେ ମୁଁ ଅତିଥିମାନଙ୍କୁ ସେମାନଙ୍କ କର୍ତବ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଇଥାଏ ବା କିଛି ଇନ୍ତେଜାମି (ପ୍ରଶାସନିକ) କଥା କହିଥାଏ ଏବଂ ଜଲ୍‌ସାର ଗୋଟିଏ ଜୁମା ପୂର୍ବରୁ, ଯେଉଁ ଖୁତ୍‌ବା ଦେଇଥାଏ ସେଥବରେ ସାଧାରଣ ଭାବରେ ମୁଁ ଅତିଥିମାନଙ୍କୁ ଓ ଡ୍ୟୁଟି ଦେଉଥିବା ସ୍ୱେଚ୍ଛା ସେବୀମାନଙ୍କୁ ସେମାନଙ୍କ ଦାୟିତ୍ୱ ପ୍ରତି ଦୃଷ୍ଟି ଆକର୍ଷଣ କରିଥାଏ ତାଙ୍କୁ ସଚେତନ କରାଇଥାଏ । ଚଳିତବର୍ଷ କିନ୍ତୁ ଏପରି ହେଲା ନାହିଁ ତେଣୁ ଆଜି ଏହି ଖୁତ୍‌ବାରେ ମୁଁ ଉଭୟ ଅତିଥି ଓ ସ୍ୱେଚ୍ଛାସେବୀମାନଙ୍କୁ କିଛି କହିବାକୁ

ଯାଉଛି ।

ଏହି ଅଧିବେସନରେ ସର୍ବପ୍ରଥମେ ମୁଁ କର୍ମୀମାନଙ୍କୁ କହିବାକୁ ଚାହେଁ ଯେ, ଏପରି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ତୁମମାନଙ୍କ ଅତିଥି ସତ୍କାର କରିବାରେ କୌଣସି ଦୃବଳତା ବା ଅବହେଳା ପ୍ରଦର୍ଶନ କରିବା ଉଚିତ ନୁହେଁ । ଏଥରକ ଛଅ ସାତ ହଜାର ଅତିଥି ଯେ କି ଦେଶ ବାହାରୁ ଆସିଥାନ୍ତି, ସେମାନେ ସାମିଲ ହୋଇପାରିବେ ନାହିଁ । କେବଳ ଦେଶ ଭିତରେ ବସବାସ କରୁଥିବା ବିଭିନ୍ନ ସହରରୁ ଲୋକମାନେ ଆସିବେ ତାହା ମଧ୍ୟ ଖୁବ୍ କମ୍ ସଂଖ୍ୟାରେ ତେଣୁ ଏହି କଥା କୁ ସହଜ ମନେ କରି ରିଲାକ୍ସ ହୋଇଯିବେ ନାହିଁ । ଯଦି କୌଣସି ସ୍ଥଳେ ଅତିଥି ସତ୍କାରରେ ଅବହେଳା ହୋଇଯାଏ ତେବେ ନିକଟତର ଅତିଥି ଅର୍ଥାତ ନିକଟରୁ ଆସିଥିବା ଅତିଥିମାନେ ଅଭିଯୋଗ କରିଥାନ୍ତି, ମନ ଉଣା କରିଥାନ୍ତି ତେଣୁ ଖୁବ୍ ସତର୍କ ହୋଇ ନିଜ ସେବା ସମ୍ପାଦନ କରିବେ ଯେଉଁଠି ବ୍ରିଟେନ୍‌ର କାର୍‌କୁଦ୍ ଅର୍ଥାତ କର୍ମୀମାନଙ୍କର ଜଲ୍‌ସାରେ ସେବା କରିବା ବିଷୟ ରହିଲା, ତେବେ ଏ ବିଷୟରେ ଗତ କାଲି ଇନ୍‌ସେପକ୍ସନରେ ମୁଁ କହିଥିଲି ଯେ, ପ୍ରତ୍ୟେକ ଗୋଷ୍ଠୀ ସେ ଲଜ୍‌ନା ହୁଅନ୍ତୁ ଅବା ନାସରାତ୍, ଖୁଦାମ୍ ହୁଅନ୍ତୁ ଅବା ଅତ୍‌ଫାଲ୍ ଅବା ଅନ୍‌ସାର୍ । ପ୍ରତ୍ୟେକ ସ୍ତରର ସ୍ୱେଚ୍ଛାସେବୀ କର୍ମଚାରୀମାନେ ନିଜ ଡ୍ୟୁଟିରେ ଓ କାର୍ଯ୍ୟରେ ଅଧିକ ଅଭିଜ୍ଞ ଅଟନ୍ତି । ବହୁତ ବଡ଼ ଦାୟିତ୍ୱ ସମ୍ଭାଳିବାର କ୍ଷମତା ସେମାନେ ରଖିଥାନ୍ତି । ନୂତନ ଅଂଶଗ୍ରହଣକାରୀଙ୍କୁ ମଧ୍ୟ ସେମାନେ ପ୍ରଶିକ୍ଷିତ କରିବାର ଅଭିଜ୍ଞତା ରହିଛି ଯେ, ସେମାନେ ନୂତନ ଭାବରେ ଯୋଗ ଦେଇଥିବା କର୍ମୀମାନଙ୍କୁ ନିଜର ନମୁନା ପ୍ରଦର୍ଶନ କରି ସେମାନଙ୍କର କର୍ତବ୍ୟ ବୋଧ ପ୍ରତି ସଜାଗ କରିବେ, ସେମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବେ ଓ ସେମାନଙ୍କୁ କାମ ଶିଖାଇ ପାରିବେ । ତେଣୁ ଏହି ଦୃଷ୍ଟିକୋଣରୁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ ଯେ, ନବାଗତଙ୍କୁ କାମ ଆସୁନାହିଁ କିନ୍ତୁ ଅଲ୍ଲାଃ ତାଲାଙ୍କର ଏହି ଆଦେଶ ରହିଛି ଯେ, ବିଶ୍ୱାସକାରୀଙ୍କୁ ବାରମ୍ବାର ସ୍ମରଣ କରାଉଥାଅ, ଉପଦେଶ ଦେଉଥାଅ କାରଣ ଏହା ତାଙ୍କ ପକ୍ଷେ ଲାଭଦାୟକ । ପୁନଶ୍ଚ ଯେପରି ମୁଁ କହିଲି ଯେ, ଜଲ୍‌ସାର ସଂକ୍ଷିପ୍ତ ଆୟୋଜନ ହୋଇଛି ଏଣୁ କେତେକ ପ୍ରସଙ୍ଗରେ ଅସାବଧାନତା ଯୋଗୁଁ ତ୍ରୁଟି ରହିଯାଇଥାଇପାରେ । ଯଦି ଅଭିଜ୍ଞ କର୍ମୀମାନେ ଅବହେଳା ପ୍ରଦର୍ଶନ କରନ୍ତି ତେବେ ନବାଗତ କର୍ମୀମାନଙ୍କ ପାଇଁ ଏହା ବେଶ୍ ଖରାପ ଉଦାହରଣ ହେବ । ସୁତରାଂ ଅତିଥିମାନଙ୍କୁ ଆରମ ପହଂଚାଇବା ଓ ନୂତନ ସେବକମାନଙ୍କୁ କାମ ଶିଖାଇବା ଉଦ୍ଦେଶ୍ୟରେ ଏହା ଜରୁରୀ ଯେ, ପ୍ରତ୍ୟେକ ବିଭାଗର କର୍ମୀ ବା କର୍ମକର୍ତା ବେଶ୍ ମନ ନିବେଶ କରି ନିଜ କାର୍ଯ୍ୟ, ନିଜ କର୍ତବ୍ୟକୁ ସୁନ୍ଦର ଭାବରେ ତୁଲାଇବାକୁ ପ୍ରୟାସ କରିବେ । ଆଜିକାଲି ପାଗ ଖରାପ ରହିଛି ତେଣୁ କେତେକ ବିଭାଗକୁ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

ଡ୍ୟୁଟି ଦେଉଥିବା ପ୍ରତ୍ୟେକ ସେବକ/ ସେବିକା ଏକଥାକୁ ମନେରଖିବା ଉଚିତ ଯେ, ଅତିଥି ସ୍ୱଳ୍ପ ସଂଖ୍ୟକ ଥାଆନ୍ତୁ ଅବା ଅଧିକ ସଂଖ୍ୟକ । ଜଲ୍‌ସାରେ ଆସିଥିବା ପ୍ରତ୍ୟେକ ଅତିଥି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଅତିଥି ତେଣୁ ଆମମାନଙ୍କୁ ସେମାନଙ୍କର ଯଥାସମ୍ଭବ ସେବା ଓ ଆତିଥ୍ୟତା କରିବା ଉଚିତ ସେଥିରେ କୌଣସି ଅବହେଳା ପ୍ରଦର୍ଶନ କରିବା ଉଚିତ ନୁହେଁ । ଆତିଥ୍ୟତା ଏଭଳି ଏକ ସୁଗୁଣ ଯାହାକି ଅବତାରମାନଙ୍କର ଓ ସେମାନଙ୍କ ଜମାତ୍‌ର ଏକ ବିଶେଷ ଗୁଣ । ଅତଏବ ଧାର୍ମିକ ଯମାତ୍ ହେବା ଯୋଗୁଁ ଆମମାନଙ୍କର ଏହି କର୍ତବ୍ୟ ରହିଛି ଯେ, ଆମମାନଙ୍କ ମଧ୍ୟରେ ଆତିଥ୍ୟତା ଭଳି ଗୁଣାବଳୀଗୁଡ଼ିକ ସ୍ୱଷ୍ଟ ଭାବରେ ବୃଦ୍ଧି ପାଉ । ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ କାଳରେ ମଧ୍ୟ ଯେତେବେଳେ ଅତିଥିମାନେ ଅଧିକ ସଂଖ୍ୟାରେ ଆସିବା ଆରମ୍ଭ କଲେ ସେତେବେଳେ ଆପଣ ସ:ଆ:ସ ସାହାବାମାନଙ୍କ ମଧ୍ୟରେ ଉକ୍ତ ଅତିଥିମାନଙ୍କୁ ବାଂଟି ଦେଉଥିଲେ ଏବଂ ସାହାବାମାନେ ମଧ୍ୟ ଅତି ପ୍ରସନ୍ନଚିତରେ ଅତିଥିମାନଙ୍କୁ ନିଜ ସାଥିରେ ନିଜ ଘରକୁ ନେଇ ଯାଉଥିଲେ ଏବଂ ସେମାନଙ୍କର ସତ୍କାର ଓ ସେବା କରୁଥିଲେ । ଯେତେବେଳେ ସକାଳ ହେଉଥିଲା ସେତେବେଳେ ଅତିଥିମାନଙ୍କର ଅବସ୍ଥା ହଜୁର ସ:ଆ:ସ ସେମାନଙ୍କଠାରୁ ପଚାରି ବୁଝୁଥିଲେ । ତେବେ ପ୍ରତ୍ୟେକ ଅତିଥିଙ୍କର ଏହି ଉତର ରହିଥିଲା ବା ହେଉଥିଲା ଯେ ଆମେମାନେ ଏଭଳି ଅତିଥିସତ୍କାର କେବେ ଦେଖିନାହୁଁ ଯେତେବେଳେ ଅତିଥି ସତ୍କାର ଏମାନେ କରିଛନ୍ତି । ବାସ୍ତବିକ ଏମାନେ ନିଜ ହକ୍ ପ୍ରଦାନ କରିଛନ୍ତି । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ, ଖଣ୍ଡ-୫, ପୃ-୩୫୭, ହଦିସ୍ ନଂ-୧୫୬୪୪..... ବେରୁତ ୧୯୯୮)***

ଅତଏବ ଆମମାନଙ୍କ ଆଗରେ ଏହି ଆଦର୍ଶ ରହିଛି ଯେ, ସାମ୍ପ୍ରତିକ ଯୁଗରେ ଆମେମାନେ ଯେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ମାନିଛେ, ତାଙ୍କ ଆନୁଗତ୍ୟ ସ୍ୱୀକାର କରିଛେ ସେତେବେଳେ ଆପଣ ଆ:ସ ମଧ୍ୟ ଏହି ବିଷୟ ସମ୍ପର୍କରେ ଆମକୁ ଅନୁପ୍ରାଣିତ କରିଛନ୍ତି । ଉପଦେଶ ଦେଇଛନ୍ତି ଯେ, ଅତି ସୁନ୍ଦର ଭାବରେ ନିଜ ଅତିଥିମାନଙ୍କର ସତ୍କାର କରିବ ଯେଉଁଭଳି ଆଦର୍ଶଁ ସାହାବାମାନେ ପ୍ରତିଷ୍ଠା କରିଥିଲେ ।

ଏକଦା ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜ ଆନୁଗାମୀମାନଙ୍କୁ ଉପଦେଶ ପୂର୍ବକ କହିଲେ, ଯଦି ମୋ ନିତିନିୟମ ଅନୁଯାୟୀ କେହି ଅତିଥି ଆସନ୍ତି ଏବଂ ସେ ମତେ ଗାଳି ଗୁଲଜ କରନ୍ତି , ଅସଭ୍ୟ ଆଚରଣ କରନ୍ତି ଓ କଟୁବଚନ ପ୍ରୟୋଗ କରନ୍ତି ଏବଂ ତାଙ୍କ ବ୍ୟବହାର ଓ ଆଚରଣ ଠିକ୍ ବି ନଥିବ ତେବେ ବି ସେହି ସେ ପ୍ରରିପ୍ରେକ୍ଷୀରେ ମଧ୍ୟ ଆପଣମାନେ ଅତିଥି ଉପରେ କ୍ଷୁବ୍ଧ ପ୍ରକାଶ କରିବେନାହିଁ । ***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୯୧)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏଠାରେ ଅଣଅହେମଦୀ ଅତିଥିମାନଙ୍କ ସମ୍ବନ୍ଧରେ ଉପଦେଶ ଦେଇଥିଲେ କିନ୍ତୁ ଆମକୁ ଏକଥା ମନେ ରଖିବା ଉଚିତ ଯେ ଅତିଥି କିଏ ବି ହୁଅନ୍ତୁ ଯଦି ଅତିଥି ଅହେମଦି ମଧ୍ୟ ହୋଇଥାଏ ତାହେଲେ ମଧ୍ୟ ସେହି ପରିପ୍ରେକ୍ଷୀରେ ଆପଣମାନେ କଟୁ ଉତର ଦେବେ ନାହିଁ । ଅତିଥି ଆପଣା ହୁଅନ୍ତୁ ଅବା ପର । ଅତିଥିମାନଙ୍କ ସମ୍ପର୍କରେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଅସାଧାରଣ ଆଦର୍ଶ ତଥା ଉଦାହରଣ ଦେଖିବାକୁ ମିଳିଥାଏ ଏବଂ କାହିଁକି ବା ଦେଖିବାକୁ ମିଳିବନାହିଁ ଏହି ଯୁଗରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ହିଁ ସେହି ସର୍ବୋଚ୍ଚ ସ୍ତରର ଆଦର୍ଶ ଏବଂ ଏହି ଯୁଗାବତାରଙ୍କ ପାଇଁ ଏହା ଧାର୍ଯ୍ୟ ଥିଲା ଯେ, ସେ ଏଭଳି ସର୍ବୋଚ୍ଚ ସ୍ତରର ଚରିତ୍ର ପ୍ରଦର୍ଶନ କରନ୍ତୁ ଯାହାକି ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିବ । ଯାହା ଦ୍ୱାରା ଇସ୍‌ଲାମ୍‌ର ସୁନ୍ଦର ଛବି ଆମମାନଙ୍କୁ ଅନ୍ୟମାନଙ୍କ ସମ୍ମୁଖରେ ପ୍ରସ୍ଫୁଟିତ ହେବ ଏବଂ ଆମେମାନେ ସଂସାର ସମ୍ମୁଖରେ ଏହାକୁ ଉପସ୍ଥାପିତ କରିବାରେ ଅଧିକ ଆପଣଙ୍କର ସହାୟ ହେବ ।

ଏକଦା ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ ସାଦ୍ଦିକ୍ ସାହେବ ବର୍ଣ୍ଣନା କରନ୍ତି ଯେ ଏକଦା ମୁଁ ଲାହୋରରୁ କାଦିୟାନ୍ ଆସିଲି ହଜୁର ଆ:ସ ମତେ ମସ୍‌ଜିଦ୍ ମୁବାରକରେ ବସାଇଲେ, ସେତେବେଳେ ମସ୍‌ଜିଦ୍ ମୁବାରକ ଏକ କ୍ଷୁଦ୍ର କୋଠରୀ ଆକାରର ଥିଲା । ଏବେ ବି ତା'ର ଆକାର ଛୋଟ ଅଛି ବିଶେଷ ପ୍ରଶସ୍ତ ହୋଇନାହିଁ କିନ୍ତୁ ସେତେବେଳେ ତାହାର ଆକାର ବେଶ୍ କ୍ଷୁଦ୍ର କୋଠରୀ ପରି ଥିଲା । ସେ ଯାହା ହେଉ ନା କାହିଁକି ହଜୁର ମତେ କହିଲେ, ତୁମେ ବସିଥାଅ ମୁଁ ତୁମ ପାଇଁ ଖାଦ୍ୟ ନେଇଆସୁଛି । ଅତଏବ ଆପଣ ଆ:ସ ଭିତରକୁ ଚାଲିଗଲେ ଓ ମୋର ଭାବନା ଥିଲା ଯେ, ହଜୁର କୌଣସି ସେବକ ହାତରେ ମୋ ପାଇଁ ଖାଦ୍ୟ ପଠାଇଦେବେ କିନ୍ତୁ କିଛି କ୍ଷଣରେ ଝରକା ଖୋଲିଲା ମୁଁ କ'ଣ ଦେଖୁଛି ଯେ ଆପଣ ସ୍ୱୟମ ମୋ ପାଇଁ ଖାଇବା ନେଇ ଆସୁଛନ୍ତି । ଗୋଟିଏ ଟ୍ରେରେ କିଛି ଖାଇବା ନେଇ ଆସୁଛନ୍ତି ଓ ମତେ କହିଲେ ଆପଣ ଭୋଜନ କରନ୍ତୁ ମୁଁ ଆପଣଙ୍କ ପାଇଁ ପାଣି ନେଇ ଆସୁଛି । ଏହି ଦୃଶ୍ୟକୁ ଦେଖି ମୁଫ୍‌ତି ମୁହମ୍ମଦ ସାଦ୍ଦିକ୍ ସାହେବ କୁହନ୍ତି ମୋ ଆଖିରେ ସହସା ଲୁହ ବାହାରି ଆସିଲା କାରଣ ଯେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସ (ଆମମାନଙ୍କ ପରି ସାଧାରଣ ଅନୁଗାମୀମାନଙ୍କ ପାଇଁ ଏଭଳି ସତ୍କାର ପ୍ରଦର୍ଶନ କରନ୍ତି ତେବେ ଏହା ଆମମାନଙ୍କ ପାଇଁ ମାର୍ଗଦର୍ଶକ ଯେ), ଆମର ଧର୍ମାଧକ୍ଷ ହୋଇ ଆମର ଏଭଳି ସେବା ପାଇଁ ତତ୍ପର ସେତେବେଳେ ଆମମାନଙ୍କୁ (ଅର୍ଥାତ ଅହେମଦୀମାନଙ୍କୁ) ମଧ୍ୟ ପରସ୍ପର ପ୍ରତି ପ୍ରେମ ଭାବ ଓ ଅତିଥି ସତ୍କାରର କିଭଳି ସ୍ତର ସ୍ଥାପନ କରିବା ଉଚିତ ଓ ପରସ୍ପର ପ୍ରତି ଆନୁଗତ୍ୟ ଓ ପ୍ରେମ ଭାବ ପ୍ରଦର୍ଶନ କରିବା ଉଚିତ । ***(ଜିକ୍‌ରେ ହବିବ୍, ପୃ-୩୨୭, ଲେଖକ ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ ସାଦିକ୍ ସାହେବ୍ ର:ଅ ମୁଦ୍ରଣ କାଦିଆନ୍)***

ଏକଦା ଅତିଥି ସତ୍କାର କରିବା ପ୍ରସଙ୍ଗରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ସ୍ୱୟମ ନିଜର ଉଦାହରଣ ଦିଅନ୍ତି ଯେ, ଏକଦା କାଦିୟାନ୍‌ରେ ଅତିଥିମାନଙ୍କର ଆଗମନ ବେଶ୍ ଅଧିକ ହୋଇଗଲା ସେତେବେଳେ ବିଛଣାର ଅଭାବ ଦେଖାଦେଲା । ତେବେ ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜ ଘରର ସମସ୍ତ ବିଛଣା ଅତିଥିମାନଙ୍କ ପାଇଁ ସାଉଁଟି ଆଣିଲେ ଏବଂ କୌଣସି ଅତିଥିଙ୍କ ମନରେ ଏକଥା ଜ୍ଞାତ ହେବାକୁ ଦେଲେନାହିଁ ଯେ ମୋ ନିଜ ପାଇଁ ଆଉ କୌଣସି ବିଛଣା ନାହିଁ । ତେବେ ଅତିଥିମାନେ ତ ବେଶ୍ ଆରାମରେ ରାତ୍ରି ଯାପନ କରିଥିଲେ କିନ୍ତୁ ହଜ୍‌ରତ୍ ମସିହ ମଉଦ୍ ଆ:ସ ସ୍ୱୟମ ବିନା ବିଛଣାରେ ବେଶ୍ କଷ୍ଟର ସହ ରାତ୍ରି ଯାପନ କରିଥିଲେ । ***(ଅସ୍‌ହାବେ ଅହ୍‌ମଦ୍, ଖଣ୍ଡ-୪, ପୃ-୧୮୦, ରିଓ୍ୱାୟତ ନଂ ୭୬, ମୁଦ୍ରଣ ରବ୍‌ଓ୍ୱା)***

ଏହା ହେଉଛି ଅତିଥି ସତ୍କାର ପାଇଁ ଅସଲ୍ ବଳିଦାନ । ବେଳେବେଳେ ଲୋକମାନେ ବଳିଦାନ କରିଥାନ୍ତି କିନ୍ତୁ ପରେ ସେମାନେ ତାହାକୁ ବଖାଣୀ ଥାଆନ୍ତି ଯେ ମୁଁ ଏଭଳି ବଳିଦାନ କରିଛି, ଏଭଳି ସ୍ତର ନିରୂପଣ କରିଛି କିନ୍ତୁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସ୍ୱଭାବରେ ଏଭଳି ଚରିତ୍ର ରହିଥିଲା ଯେ, ଏଭଳି ବଳିଦାନ କରି ମଧ୍ୟ ଆପଣ ଆ:ସ ତାହା କାହାରି ନିକଟରେ ପ୍ରକାଶ କରିନଥିଲେ ବା ପ୍ରକାଶ କରିବାକୁ ଦେଇନଥିଲେ ।

ଗୋଟିଏ ଅବସରରେ ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଲେ ଯେ ମତେ ସର୍ବଦା ଏହି କଥାଟି ଜ୍ଞାତ ରହିଥାଏ ଯେ, କୌଣସି ଅତିଥିଙ୍କୁ ଯେପରି କଷ୍ଟ ନ ହେଉ ବରଂ ସେଥି ସକାଶେ ସର୍ବଦା ତାଗିଦ୍ କରିଥାଏ ଯେ ଯଥା ସମ୍ଭବ ଅତିଥିଙ୍କୁ ଆରାମ ପହଂଚୁ । ହଜୁର ଆ:ସ କୁହନ୍ତି ଅତିଥିଙ୍କ ହୃଦୟ ଦର୍ପଣ (ଆଇନା) ପରି  ସାମାନ୍ୟ ଆଘାତ ଲାଗିଲେ ତାହା ଭାଙ୍ଗି ଚୁରମାର ହୋଇଯାଇଥାଏ ତେଣୁ ସର୍ବଦା ଏଥିପ୍ରତି ସର୍ତକତା ଅବଲମ୍ବନ କରିବା ଉଚିତ ଯେ, ଅତିଥିକୁ କୌଣସି ପ୍ରକାର ଯେପରି କଷ୍ଟ ନ ପହଂଚୁ ବା କଷ୍ଟ ନ ହେଉ । ନିଜର ସାମର୍ଥ୍ୟଠାରୁ ବଳି ଅଧିକ ସେମାନଙ୍କର ସତ୍କାର ପ୍ରତି ତତ୍ପର ରହିବା ଉଚିତ । ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି ଏହା ପୂର୍ବରୁ ମୋର ଏହି ରୀତି ଥିଲା ଯେ, ମୁଁ ଅତିଥିମାନଙ୍କ ସାଙ୍ଗରେ ବସି ଖାଇଥାଏ, ଖାଦ୍ୟ ସେବନ କରିଥାଏ ଯଦ୍ୱାରା ମତେ ଏହି କଥା ଜ୍ଞାତ ହୋଇଯାଇଥାଏ ଯେ ଅତିଥିମାନେ ଭଲ ଭାବରେ ପେଟ ପୂରା ଖାଇନେଲେ କି ନାହିଁ କିନ୍ତୁ ଅସୁସ୍ଥତା ଯୋଗୁଁ ଓ ଯେବେଠାରୁ ମୁଁ ପଥି ଆହାର ସେବନ କରୁଅଛି ସେବେଠାରୁ ଏହି ପ୍ରଥା ମୁଁ ଛାଡ଼ି ଦେଇଛି । ଆଉ ଏକ କାରଣ ହେଉଛି ଏହା କି ବହୁ ସଂଖ୍ୟାରେ ଅତିଥିମାନେ କାଦିଆନ୍ ଆସିଲେ ତେଣୁ ଅତିଥିମାନଙ୍କର ସଂଖ୍ୟା ବେଶ୍ ବଢ଼ିଯାଇଛି, ବହୁଳ ସଂଖ୍ୟାରେ ଅତିଥିମାନେ କାଦିୟାନ୍ ଆଗମନ କରୁଛନ୍ତି ତେଣୁ ସେ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ବସାଇ ଖାଦ୍ୟ ଖୁଆଇବାର ବ୍ୟବସ୍ଥା କରିବା ସମ୍ଭବ ନଥିଲା । ଭିନ୍ନ ଭିନ୍ନ ସ୍ଥାନରେ ଅତିଥିମାନଙ୍କୁ ଖାଇବାର ବ୍ୟବସ୍ଥା କରାଯାଉଥିଲା ଯଦ୍ୱାରା ମୁଁ ସେହି ପୁରୁଣା ପ୍ରଥା ଯାହାକି ପ୍ରଚଳିତ ଥିଲା ତାହାକୁ ବାଧ୍ୟ ହୋଇ ବନ୍ଦ କରିଦେଲି ।

ପୁନଶ୍ଚ ଆପଣ ଲଙ୍ଗର ଖାନାର ଇନ୍‌ଚାର୍ଜ ସାହେବଙ୍କ କହିଲେ ଯେତେବେଳେ ଅନେକ ଅତିଥିଙ୍କର ସମାଗମ ଥିଲା, ଦେଖ ଆଜି ବହୁ ସଂଖ୍ୟାରେ ଅତିଥି ଆସିଛନ୍ତି ସେମାନଙ୍କର ମଧ୍ୟରୁ କେତେକଙ୍କୁ ତୁମେ ଚିହ୍ନିଛ, କେତେକ ତୁମର ପରିଚିତ ଓ ଆଉ କେତେକ ତୁମର ଅପରିଚିତ କିନ୍ତୁ ତୁମ ପକ୍ଷେ ଅପରିହାର୍ଯ୍ୟ ଯେ, ତୁମେ ସମସ୍ତଙ୍କ ସାଥିରେ ସମ୍ମାନ ସହକାରେ ଅତିଥି ସତ୍କାର କର । ତୁମ ପାଇଁ ସମସ୍ତେ ସମାନ କାହାରିକୁ ବିଶେଷ ଗୁରୁତ୍ୱ ଦେବାର ଆବଶ୍ୟକତା ନାହିଁ । ଏପରି ନ ହୁଏ ଯେ, ଅମୁକ ଜଣେ ଓ୍ୱହଦାଦାର କି ଅମୁକ ମୋର ପରିଚିତ ତେଣୁ ତାଙ୍କର ଭଲ ଭାବରେ ସେବା ସତ୍କାର କରିବି ନାଁ ସମସ୍ତଙ୍କୁ ସମ୍ମାନ ମର୍ଯ୍ୟାଦା ଓ ସତ୍କାର କରିବା ଅତିଥି ସତ୍କାରର ମୂଳ ମନ୍ତ୍ର । ତୁମ ଉପରେ ମୁଁ ଯେଉଁ ସକାରାତ୍ମକ ମତାମତ ରଖିଅଛି, ପୋଷଣ କରିଛି ଯେ, ତୁମେ ଅତିଥିମାନଙ୍କର ଖୁବ୍ ସେବା କରିବ । ***(ମଲ୍‌ଫୁଜାତ୍, ଖଣ୍ଡ-୬, ପୃ-୨୨୬)***

ତାହାକୁ ସାକାର କରିବ ସେଥିଂ. ଅବହେଳା ପ୍ରଦର୍ଶନ କରିବ ନାହିଁ । ନିଜ ତ୍ରୁଟି ଦୁର କରି ଅତିଥି ସତ୍କାରର ସ୍ତର ଅବିଭୃଦି କରିବା ଉଚିତ । ଆଜି ବି ସେହି ସୁଧାରଣା ଆମ ସମସ୍ତ କର୍ମୀମାନଙ୍କ ମନରେ ଓ ସେବକମାନଙ୍କ ମନରେ ରହିଛି ଓ ରହିବା ମଧ୍ୟ ଉଚିତ । କିଛି ଦୋଷ ଦୃବଳତା ଅଛି କିନ୍ତୁ ତାହାକୁ ଦୂର କରିବାକୁ ଚେଷ୍ଟା କରନ୍ତୁ ।

ମତେ ଜଣା ଯେ, କେତେକ ବିଭାଗର କର୍ମୀମାନଙ୍କୁ କିଛି ସମସ୍ୟାର ସମ୍ମୁଖିନ ହେବାକୁ ପଡୁଅଛି କିନ୍ତୁ ତଥାପି ନିଜ ତରଫରୁ ଉତମ ଆଚରଣ ପ୍ରଦର୍ଶନ କରିବାକୁ କଦାପି ହାତ ଛଡ଼ା କରନାହିଁ । ଅତିଥିମାନେ ଯାହା ଇଚ୍ଛା କୁହନ୍ତୁ କିନ୍ତୁ ତୁମର କର୍ତବ୍ୟ ଯେ, ତୁମେ ସେମାନଙ୍କ ସହିତ ଉତମ ଆଚରଣ ପ୍ରଦର୍ଶନ କର । ଏଥରକ ସିମୀତ ସଂଖ୍ୟକ ଅତିଥି ହେବା ଯୋଗୁଁ ସମ୍ଭବତଃ କର୍ମୀମାନଙ୍କୁ କିଛି ଅସୁବିଧାର ସମ୍ମୁଖୀନ ନ ହେବାକୁ ପଡ଼ିପାରେ କିନ୍ତୁ ଯଦି କର୍ମୀ ଅତିଥିମାନଙ୍କୁ କିଛି କାର୍ଯ୍ୟରୁ ବାରଣ କରନ୍ତି ଏବଂ ସମ୍ଭବତଃ ତାହାକୁ ନେଇ ସେମାନେ ଖରାପ ଭାବିପାରନ୍ତି ଓ ମନଉଣା କରିପାରନ୍ତି । ଯେପରି ମାସ୍କ ପିନ୍ଧିବା, ପାରସ୍ପରିକ ଦୂରତା ରକ୍ଷା କରିବା ଇତ୍ୟାଦି କାର୍ଯ୍ୟ କରିବାକୁ କର୍ମୀମାନେ ଧ୍ୟାନ ଆକର୍ଷଣ କରାଇବେ । ତେଣୁ ଏହାକୁ ଏହି କଥାକୁ ନେଇ ମନଉଣା କରିବେ ନାହିଁ ଯେ କର୍ମୀମାନେ ଆମକୁ ଏଭଳି ବାରମ୍ଵାର କାହିଁକି କହୁଛନ୍ତି ସାଧାରଣତଃ ଆମେମାନେ ଏଥିପ୍ରତି ଧ୍ୟାନ ଦେଇ ନଥାଉ ତେଣୁ ଖାଇବା ସମୟରେ ମଧ୍ୟ କେତେକ ବିଶେଷ କଥା ପ୍ରତି ଧ୍ୟାନରେ ରଖିବେ ଯଦି ଏସବୁ କଥାକୁ କେହି ଚିଡ଼ନ୍ତି ତେବେ ସେମାନଙ୍କୁ ଅତି ନମ୍ରତାର ସହିତ ବୁଝାଇବେ । ସେହିଭଳି ଅତିଥିମାନଙ୍କୁ ମଧ୍ୟ ଏ ସବୁ ନିୟମ ସ୍ୱୟମ ଅବଲମ୍ବନ କରିନେବା ଉଚିତ । ପୂର୍ବରୁ ନିଜକୁ ଏହାର ଅଭ୍ୟସ୍ତ କରିନେବା ଉଚିତ । କିନ୍ତୁ କେତେକ ଲୋକେ ଖୁବ୍ ଶିଘ୍ର ମନଉଣା କରିନେଇଥାନ୍ତି କିନ୍ତୁ ଏପରି ଲୋକ ଖୁବ୍ କମ୍ ଥାଆନ୍ତି ଯଦି ସମ୍ମୁଖରୁ କର୍ମୀମାନେ ମଧ୍ୟ ସେହିଭଳି ଆଚରଣ ପ୍ରଦର୍ଶନ କରନ୍ତି ଅର୍ଥାତ କଠୋରତା ପ୍ରଦର୍ଶନ କରନ୍ତି ତେବେ ପରିବେଶ୍ ବେଶ୍ ଅଶାନ୍ତ ପାଲଟି ଯାଇଥାଏ । ତେଣୁ ଯଦି ଜଣକୁ ବୁଝାନ୍ତି ତେବେ ବେଶ୍ ଧୈର୍ଯ୍ୟ ଓ ନମ୍ରତାର ସହକାରେ ବୁଝାଇବେ । ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଜଣେ ମୋମିନ୍‌ର ଲକ୍ଷଣ ବିଷୟରେ ଏହା କହିଛନ୍ତି ଯେ, ଜଣେ ମୋମିନ୍ ସର୍ବଦା ଅତିଥିର ଆଦର ସମ୍ମାନ କରିଥାଏ । ***(ସହି ମୁସ୍‌ଲିମ୍, କିତାବୁଲ୍ ଇମାନ୍..... ହଦିସ୍ ୧୭୩)***

ସୁତରାଂ ଏହି ମୋମିନ୍ ରୂପକ ସୁଗୁଣ ସମସ୍ତଙ୍କ ମଧ୍ୟରେ ଦୃଶ୍ୟମାନ ହେବା ଉଚିତ । ବର୍ଷା ହେବା ଯୋଗୁଁ ହଦିକତୁଲ୍ ମେହେଦୀରେ ପାର୍କିଙ୍ଗ ଖୁବ୍ କମ୍ ରହିବ ଯଦିଚ ଏହା ଏକ ବିସ୍ତିର୍ଣ୍ଣ ପଡ଼ିଆ କିନ୍ତୁ ଅତ୍ୟଧିକ ବର୍ଷା ଯୋଗୁଁ ଭୂମି ବେଶ୍ କାଦୁଅ ଓ ନରମ ପାଲଟି ଯାଇଛି । ଯେଉଁଥିରେ ଗାଡ଼ି ଖସିବାର ସମ୍ଭାବନା ବଢ଼ିଯାଇଛି ତେଣୁ ଅନ୍ୟ ଏକ ସ୍ଥାନରେ ପାର୍କିଙ୍ଗର ବ୍ୟବସ୍ଥା କରାଯାଇଛି । ସେଠାରୁ ବସ୍ ଯୋଗେ ଅତିଥିମାନଙ୍କୁ ଜଲ୍‌ସାଗାଃ ଅଣାଯିବ ଏଠାରେ ସେବକମାନଙ୍କୁ ଅତି ଆଦର ଓ ନମ୍ରତାର ସହିତ ଅତିଥିମାନଙ୍କୁ ଗାଇଡ୍ କରିବାର ଆବଶ୍ୟକତା ରହିଛି । ପାରସ୍ପାରିକ ସାହାଯ୍ୟ ଓ ସହଯୋଗ କ୍ରମେ କାମ ସହଜ ସରଳ ହୋଇଯାଇଥାଏ ।

ସୁତରାଂ ଉଭୟ ପକ୍ଷରୁ ସାହାଯ୍ୟ ସହଯୋଗର ଆବଶ୍ୟକତା ରହିଛି ଅତିଥିମାନେ କେବଳ ସେବକମାନଙ୍କଠାରୁ ଆଶାବାଦୀ ହୁଅନ୍ତୁ ନାହିଁ ଯେ, ସେମାନେ ଆମର ସେବା ପାଇଁ ମୃତୟନ, ଆମର ସମସ୍ତ କଥା ଶୁଣିବେ ଓ ମାନିବେ । ବାସ୍ତବରେ ଯେଉଁ ନିତୀନିୟମ ପ୍ରସ୍ତୁତ କରାଯାଇଛି ତାହାକୁ ଠିକ୍ ଠିକ୍ ପାଳନ କଲେ ସବୁ କାର୍ଯ୍ୟ ସହଜ ହୋଇଯାଇଥାଏ । ଏକଥା ମଧ୍ୟ ଆମକୁ ସ୍ମରଣ ରଖିବା ଉଚିତ ଯେ, ଇସ୍‌ଲାମ୍ ଯେଉଁ ସ୍ଥଳେ ଅତିଥିର ଆଦର ସମ୍ମାନ କରିବାକୁ ନିର୍ଦ୍ଦେଶ ଦେଇଛି ସେଠାରେ ଅତିଥିମାନଙ୍କୁ ମଧ୍ୟ କିଛି କର୍ତବ୍ୟ ସମ୍ପାଦନ କରିବାକୁ ଉପଦେଶ ଦେଇଛି । ଇସ୍‌ଲାମ୍ ସ୍ୱଷ୍ଟ ଭାବରେ ଦର୍ଶାଇ ଦେଇଛି ଯେ ଯେତେବେଳେ ତୁମେ କାହା ନିକଟକୁ ଅତିଥି ହୋଇଯାଅ ସେତେବେଳେ ଆତିଥ୍ୟତା କରୁଥିବା Hostଙ୍କ କାର୍ଯ୍ୟବ୍ୟସ୍ତତାକୁ ମଧ୍ୟ ଧ୍ୟାନ ଦିଅ । ତାଙ୍କର ଡ଼ାକିବାରେ ଅର୍ଥାତ ସେ ତମକୁ ଡ଼ାକରା ଦେଲେ ଯାଅ ବା ତାଙ୍କୁ ବତାଇ ତାଙ୍କ ଘରକୁ ଯାଅ । ଏଠାରେ ଗୋଟିଏ ପଟେ Hostଙ୍କୁ ଏକଥା କୁହାଯାଇଛି ଯେ ତୁମେ ନିଜ ଘରକୁ ଆସିଥିବା ଅତିଥିମାନଙ୍କୁ ଆଦର ସମ୍ମାନ କର ସେଠାରେ ଅତିଥିଙ୍କୁ ମଧ୍ୟ ଇସ୍‌ଲାମ୍ ଏ ନିର୍ଦ୍ଦେଶ ଦେଇଛି ଯେ, ତୁମେ ଆତିଥ୍ୟତା (Hosting) କରୁଥିବା ଲୋକର ଡ଼ାକିବାରେ ତାଙ୍କ ଘରେ ଉପସ୍ଥିତ ହୁଅ । ଯଦି ଗୃହବାସୀ ତୁମକୁ ମନା କରିଦିଅନ୍ତି ଅବା ଘରେ ପ୍ରବେଶ କରିବାକୁ ବାରଣ କରନ୍ତି ତେବେ ମନରେ କୌଣସି ପ୍ରକାର ମଳିନତା ପୋଷଣ ନ କରି ସେଠାରୁ ଫେରି ଆସ । ଯଦିଚ ଜଲ୍‌ସାର ଅତିଥିମାନଙ୍କ ଉପରେ ଏକଥା ଲାଗୁ ହୋଇନଥାଏ କିନ୍ତୁ ଏଥରକ ବିଶେଷ ପରିସ୍ଥିତି ଯୋଗୁଁ ଗୋଟିଏ ନିର୍ଦ୍ଧିଷ୍ଟ ବୟସର ଲୋକମାନଙ୍କୁ ଜଲ୍‌ସାରେ ଯୋଗ ଦେବାପାଇଁ ଅନୁମତି ଦିଆଯାଇଛି । ପୁନଶ୍ଚ ଦ୍ୱିତୀୟ ସର୍ତ ମଧ୍ୟ ରହିଛି ଯାହାକି ସ୍ୱାସ୍ଥ୍ୟ ସମ୍ପର୍କିତ ଅର୍ଥାତ ଯେଉଁମାନେ ଟିକା ଲଗାଇଥିବେ ଏବଂ ଯାହାର ସ୍ୱାସ୍ଥ୍ୟ ଭଲ ଥିବ ସେହିମାନଙ୍କୁ ହିଁ ଜମାତ୍ ଜଲ୍‌ସାରେ ଯୋଗ ଦେବାପାଇଁ ଅନୁମତି ପ୍ରଦାନ କରିବ ବା ସେହିପରି ସର୍ତ ରଖାଯାଇଛି ସେମାନଙ୍କ ସମ୍ମୁଖରେ । ଏହି ସର୍ତଗୁଡ଼ିକ ଲୋକମାନଙ୍କ ସ୍ୱାସ୍ଥ୍ୟକୁ ଆଖି ଆଗରେ ରଖି ନିତି ନିୟମ ଅବଲମ୍ବନ କରାଯାଇଅଛି ଏହି ଦୃଷ୍ଟିକୋଣରୁ ଯମାତ୍ ମାନଙ୍କୁ କୁହାଯାଇଛି ଯେଉଁ ଲୋକମାନେ ଏହି ସମସ୍ତ ସର୍ତାବଳୀ ପୁରଣ କରୁଥିବେ ସେହି ଲୋକମାନଙ୍କୁ ହିଁ ଚୟନ କରି ଜଲ୍‌ସାରେ ପ୍ରେରଣ କରିବେ । ଯେପରି ମୁଁ ପୂର୍ବେ କହିଲି କେତେକ ସ୍ଥାନରେ ଏହା ହୋଇପାରେ ଯେ, ଚୟନ ପ୍ରକ୍ରୀୟାରେ ତ୍ରୁଟି ହୋଇଯାଇଥିବ ଓ କେତେକ ଲୋକମାନଙ୍କ ମନରେ ଅଭିଯୋଗ ମଧ୍ୟ ରହିଥିବ ଯେ, ଆମକୁ ସୁଯୋଗ ଦିଆଗଲା ନାହିଁ ଏବଂ ଯଦିଚ ଆମେ ତ ସମସ୍ତ ସର୍ତାବଳୀ ଉପରେ ଠିକ୍ ଠିକ୍ ଉପନୀତ ହେଉଛୁ ତଥାପି ଆମକୁ ଜଲ୍‌ସାରେ ଯୋଗ ଦେବାପାଇଁ ଅନୁମତି ଦିଆଗଲା ନାହିଁ । ସେହିପରି ଏହି ଦେଶକୁ କେତେକ ଲୋକମାନେ ନୂଆ କରି ଆସିଛନ୍ତି, ସେମାନେ ଏହି ସର୍ତାବଳୀଗୁଡ଼ିକ ପୁରଣ କରୁନାହାନ୍ତି କିନ୍ତୁ ସେମାନେ ଜୋର୍ ଦେଉଛନ୍ତି ଯେ ଆମକୁ ନିଶ୍ଚିତ ରୂପେ ଜଲ୍‌ସାରେ ସାମିଲ ହେବାକୁ ଅନୁମତି ଦିଆଯାଉ । ସମ୍ଭବତଃ କେତେକ ବାହାରୁ ଆସିଥିବା ଲୋକମାନେ ଏହି ପ୍ରୟାସ କରୁଥିବେ ଯେ, ସେମାନେ ନିଜର କୌଣସି ସମ୍ପର୍କୀୟଙ୍କ ସହିତ ଚାଲି ଆସନ୍ତୁ କିମ୍ଵା ନିଜ ଅଂଚଳର ବ୍ୟବସ୍ଥା ବିଭାଗର ନିକଟରେ ଜିଦ୍ କରି ଜଲ୍‌ସାରେ ସାମିଲ ହେବାପାଇଁ ସୁଯୋଗ ଖୋଜୁଥିବେ ଅବା ପ୍ରୟାସ କରୁଥିବେ । ଏହିଭଳି ଲୋକମାନଙ୍କୁ ଏହା ମନେ ରଖିବା ଉଚିତ ଯେ ଯମାତ୍‌ର ନିୟମକୁ ଭଙ୍ଗ କରିବା ଦ୍ୱାରା ନାନା ପ୍ରକାର ସମସ୍ୟା ଓ ଅସୁବିଧା ଉପୁଜିଥାଏ ।

ଅଲ୍ଲାଃ ତାଲା ଜଣେ ବିଶ୍ୱାସକାରୀ ପାଇଁ ଏହି ନୈତିକ ନିର୍ଦ୍ଦେଶାବଳୀ ଧାର୍ଯ୍ୟ କରିଛନ୍ତି ଓ ମୌଳିକ ଚରିତ୍ର ମାର୍ଗଦର୍ଶନ କରି ଆଦେଶ ଦେଇଛନ୍ତି ଯେ, **ଓ୍ୱ ଇନ୍ କିଲା ଲକୁମୁର୍‌ଜିଉ ଫର୍‌ଜିଉ ହୁଓ୍ୱ ଅଜ୍‌କା ଲକୁମ୍ (ନୂର:୨୯)** ଅର୍ଥାତ ବିଶ୍ୱାସକାରୀଙ୍କୁ ଯେତେବେଳେ କୁହାଯାଏ ଯେ ସେମାନେ ଘର ଲୋକମାନଙ୍କ ଅନୁମତି ବିନା କୌଣସି ବ୍ୟକ୍ତିର ଘର ମଧ୍ୟକୁ ପ୍ରବେଶ କରନ୍ତୁ ନାହିଁ । ଯେତେବେଳେ ସେହି ବିଶ୍ୱାସକାରୀମାନଙ୍କୁ ଏହା କୁହାଯାଏ ଯେ, ସେମାନେ ଫେରିଯାଆନ୍ତୁ ତା'ହେଲେ ସେମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ, ସମାନେ ଫେରି ଯାଆନ୍ତୁ ବା ଫେରିଯିବା ଉଚିତ କାରଣ ଉକ୍ତ କଥାଟି ଅତ୍ୟନ୍ତ ପବିତ୍ରମୟ କଥା । ଜଲ୍‌ସାରେ ସମ୍ମିଳିତ ହେବା ଏକ ମହତ୍ୱପୂର୍ଣ୍ଣ ଅଭିପ୍ରାୟ ହେଉଛି ଏହା କି, ଆତ୍ମସୁଦ୍ଧି କରିବା ନିଜର ଆତ୍ମାକୁ ଶାନ୍ତି ପ୍ରଦାନ କରିବା । ଜୋର୍ ଜବରଦସ୍ତ କରି ସାମିଲ ହେବା ପରିବର୍ତେ ଯେଉଁ ନିୟମମାନ ରହିଛି ତାହାକୁ ଅନୁସରଣ କରିବା ଅଧିକ ଶ୍ରେୟସ୍କର । ତେଣୁ କେତେକ ଲୋକେ ମୋ ପଛରେ ପଡ଼ି ମତେ ପତ୍ର ଲେଖିଛନ୍ତି କିମ୍ଵା ଯମାତ୍‌ର ପ୍ରଶାସନକୁ, ବ୍ୟବସ୍ଥାକୁ କହୁଛନ୍ତି । ଯେଉଁମାନଙ୍କୁ ଜଲ୍‌ସାର ଆୟୋଜନ ବା ବ୍ୟବସ୍ଥାରେ ନିୟୋଜିତ କରାଯାଇଛି ସେମାନେ ଏହି ନିୟମଗୁଡ଼ିକ ପାଳନ କରନ୍ତୁ କାରଣ ଏହା ସେମାନଙ୍କ ପକ୍ଷେ ଅଧିକ ଉତମ ଓ ଶ୍ରେୟସ୍କର ସାବ୍ୟସ୍ତ ହେବ । ସେମାନେ ଏ ସମ୍ବନ୍ଧରେ ମନ ଖରାପ କରିବା ଅନୁଚିତ । ସେମାନେ ଅଲ୍ଲାଃଙ୍କ ନିକଟରେ ଏହି ଦୁଆ କରିବା ଉଚିତ ଓ ଅଧିକ ବ୍ୟାକୁଳ ଓ ଆତୁରତାର ସହିତ ପ୍ରାର୍ଥନା କରିବା ଉଚିତ ଯେ ଅଲ୍ଲାଃ ତାଲା ଯଥାଶିଘ୍ର ଏପରି ପରିସ୍ଥିତିକୁ ସାମାନ୍ୟ କରିଦିଅନ୍ତୁ । ଫଳତଃ ଇଚ୍ଛୁକ ତଥା ଅଭିଷାଳିତ ବ୍ୟକ୍ତିମାନେ ଜଲ୍‌ସାରେ ସ୍ୱାଧିନ ଭାବରେ ସାମିଲ ହୋଇପାରିବେ । ପବିତ୍ର କୁର୍‌ଆନ୍ କରିମ୍‌ର ଆଦେଶାବଳୀ ଉପରେ କର୍ମାନୁସରଣ କରିବାପାଇଁ ସାହାବାମାନଙ୍କର ମଧ୍ୟ ବିଚିତ୍ର ମୁଳକ ପନ୍ଥା ରହିଥିଲା । ଜଣେ ସାହାବି କୁହନ୍ତି ମୁଁ ଦୀର୍ଘ ବର୍ଷ ଧରି ଲୋକମାନଙ୍କ ଘରକୁ ଭିନ୍ନ ଭିନ୍ନ ସମୟରେ ଓ ଅସମୟରେ ଯାଇ ପହଂଚି ଯାଉଥିଲି ଯେପରି କେହି ମତେ କୁହନ୍ତୁ ଯେ, ଏହା ଉଚିତ ସମୟ ନୁହେଁ । ଭିତରେ ପ୍ରବେଶ କରିବା ନିଷେଧ । ଆମେ ଆପଣଙ୍କ ସହିତ ସାକ୍ଷାତ କରିପାରିବୁ ନାହିଁ । ଆମ ଘରକୁ ଆସିବାର ଅନୁମତି ନାହିଁ । ସାକ୍ଷାତ ହୋଇ ପାରିବ ନାହିଁ ତେଣୁ ତୁମେ ଫେରିଯାଅ । କିନ୍ତୁ ସେ କୁହନ୍ତି ମୋର ଇଚ୍ଛା ଇଚ୍ଛାରେ ହିଁ ରହିଗଲା ମୁଁ ଏଭଳି କରିବା ସତ୍ୱେ ମଧ୍ୟ କୌଣସି ବ୍ୟକ୍ତି ମତେ ସେମିତି କଥା କହିଲେ ନାହିଁ । ମୁଁ ଏହା ଚାହୁଁଥିଲି ଯେପବିତ୍ର କୁର୍‌ଆନ୍ କରୀମ୍‌ର ଉପରୋକ୍ତ ବର୍ଣ୍ଣିତ ଆୟତ ଅନୁଯାୟୀ ଅନୁସରଣକାରୀ ହୋଇ ପୂଣ୍ୟ ଅର୍ଜନକାରୀ ରୂପେ ବିବେଚିତ ହୋଇଯିବି କିନ୍ତୁ ଏପରି କେବେ ବି ଘଟିଲା ନାହିଁ । ***(ତଫ୍‌ସିର୍ ଅବ୍‌ଦୁର୍ ଅଲ୍‌ମନ୍‌ସୁର, ଖଣ୍ଡ-୬, ପୃ-୧୭୫, ୧୭୬, ଦାରୁଲ୍ ଫିକର୍ ବେରୁତ ୨୦୧୧)***

ତହିଁରୁ ଏହା ସାବ୍ୟସ୍ତ ହେଉଛି ଯେ, ଉଭୟ ପକ୍ଷ ଅତିଥି ଓ ଅତିଥି ସତ୍କାରକ ଅର୍ଥାତ ଆତିଥ୍ୟତା କରୁଥିବା ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ପ୍ରାପ୍ତି କରିବାପାଇଁ ନିଜର କର୍ତବ୍ୟକୁ ପୂରଣ କରିବାପାଇଁ ଉଦ୍ୟମ କରୁଥିଲେ । ଏହି ସାଧାରଣ ଚରିତ୍ରକୁ ଆପଣାଇବା ଓ ପବିତ୍ର କୁରଆନ୍ କରିମ୍‌ର ନିର୍ଦ୍ଦେଶାବଳୀ ଉପରେ ଅଭିରୁଚି ତଥା ଉତ୍ସାହ ପୂର୍ଣ୍ଣ ଆବେଗ ମାଧ୍ୟମରେ ଅନୁସରଣ କରିବା ସମ୍ପର୍କରେ ମୁଁ ଏହି କଥା କହିଲି ଏବଂ ଏକ ନୈତିକମୟ ନିର୍ଦ୍ଦେଶାବଳୀ ମଧ୍ୟ ଦେଲି କିନ୍ତୁ ଏହା ସତ୍ୱେ କେତେକ ଲୋକ ଏପରି ଅଛନ୍ତି ଯେଉଁମାନେ ନିଜର କଥାକୁ ମନେଇବା ପାଇଁ କହିଦିଅନ୍ତି ଯେ, ଯମାତ୍‌ର ଇନ୍ତେଜାମିଆକୁ ଅର୍ଥାତ ପ୍ରଶାସନିକ ବ୍ୟବସ୍ଥାକୁ ମଧ୍ୟ ମନା କରିବା ଅନୁଚିତ । ସାମାନ୍ୟ ପରିସ୍ଥିତିରେ ଯମାତ୍‌ର ବ୍ୟବସ୍ଥା ନା ମନା କରିଥାଏ ନା କରିବା ଉଚିତ ଯଦି କରିବ ତାହେଲେ ନିଃସନ୍ଦେହ ଅତିଥିମାନଙ୍କର କର୍ତବ୍ୟ ନିର୍ବାହ ହେବ ନାହିଁ ବା ଅତିଥିର ଯେଉଁ କର୍ତବ୍ୟ ରହିଛି ତାହା ସମ୍ପାଦନ ହେବ ନାହିଁ । ଏହି ଶିକ୍ଷାର ଖିଲାଫ ହେବ ଅର୍ଥାତ ଏହି ଶିକ୍ଷାର ଖିଲାଫ କାରୀ

ରୂପେ ବିବେଚିତ ହେବ ଯେଉଁ ଶିକ୍ଷା ଇସ୍ଲାମ୍‌ର ଶିକ୍ଷା ଏବଂ ଯେଉଁ ଶିକ୍ଷା ଉପରେ ଅନୁକରଣ କରିବାପାଇଁ ଆମମାନଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବିଶେଷ ରୂପେ ଜୋର୍ ଦେଇଛନ୍ତି ଓ ନିଜର କର୍ମ ତଥା ଆଚରଣ ଦ୍ୱାରା ଏକ ଉଦାହରଣ ସ୍ଥାପନ କରିଛନ୍ତି । ଯେତେବେଳେ ଅସମୟରେ ରାତ୍ରବେଳେ ଅତିଥିମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିକଟକୁ ଆସୁଥିଲେ ସେତେବେଳେ ଆପଣ ଆ:ସ ସେହି ଅତିଥିମାନଙ୍କର ସତ୍କାର କରୁଥିଲେ କିନ୍ତୁ ଯେପରି କି ମୁଁ କହିଲି ଏହି ଜଲ୍‌ସା ଯେଉଁଭଳି ପରିସ୍ଥିତିରେ ଅନୁଷ୍ଠିତ ହେଉଅଛି ତାହା ଭିନ୍ନ ରକମର ଏହି ଜଲ୍‌ସାରେ ବାଧ ହୋଇ ଅଧିକ ସଂଖ୍ୟକ ଅତିଥିମାନଙ୍କୁ ଅଂଶ ଗ୍ରହଣ କରିବାକୁ ବାରଣ କରାଯାଇଅଛି ଏଣୁ କୌଣସି ଅଭିଯୋଗ ତଥା ଆପତି ନ କରି, ମନ ଊଣା ନ କରି ଏପରି ବ୍ୟବସ୍ଥା ସହ ସାହାଯ୍ୟ ସହଯୋଗ ସହିତ କାର୍ଯ୍ୟ କରନ୍ତୁ ବ୍ୟବସ୍ଥାର ଅନୁକରଣ କରନ୍ତୁ ଯାହା ଆଦେଶ ଦିଆଯାଉଛି ତାହାର ଅନୁକରଣ କରନ୍ତୁ । ତତ୍‌ସହିତ ମୁଁ ସେହି ଲୋକମାନଙ୍କ ମୁଖ ଏହା କହିବାକୁ ଚାହେଁ ଯେଉଁ ଲୋକମାନଙ୍କୁ ଜଲ୍‌ସାରେ ଅଂଶଗ୍ରହଣ କରିବାପାଇଁ ଅନୁମତି ପ୍ରଦାନ କରାଯାଇଛି । ସେମାନେ ବିନା କୌଣସି ଦ୍ୱିବିଧାରେ ଜଲ୍‌ସାରେ ସାମିଲ ହୁଅନ୍ତୁ ଅନ୍ୟଥା ଯଦି ସେମାନେ ସାମିଲ ନ ହୁଅନ୍ତି ତେବେ ସେହି ଲୋକମାନଙ୍କର ଅଧିକାର କ୍ଷୁର୍ଣ୍ଣ ହେବ ଯେଉଁମାନେ ଜଲ୍‌ସାରେ ଯୋଗ ଦେବାପାଇଁ ଉତ୍ସୁକ ଥିଲେ ଓ ଆଗ୍ରହିତ ଥିଲେ । ତେଣୁ ଖରାପ ପାଗକୁ ଆଳ କରି ପଛରେ ରହିଯାଆନ୍ତୁ ନାହିଁ । ଜଲ୍‌ସାରେ ଯୋଗ ଦେବାରେ ବଂଚିତ ରହି ଯାଆନ୍ତୁ ନାହିଁ ।

ସୁତରାଂ ଯେଉଁମାନେ ପାଗ ଖରାପ ହେବାକୁ ଆଳ କରୁଛନ୍ତି ସେମାନଙ୍କୁ ଏହା ସ୍ମରଣ ରଖିବା ଉଚିତ ଯେ, ରବୱା ଏବଂ କାଦିୟାନ୍‌ରେ ମୁକ୍ତ ଆକାଶରେ ଓ ପ୍ରବଳ କଠୋର ଶୀତ ଦିନେ ଜଲ୍‌ସା ଅନୁଷ୍ଠିତ ହୋଇଥାଏ । ରବୱାରେ ତ' ଧାର୍ମିକ କଟକଣା ଯୋଗୁଁ ଦୀର୍ଘ ବର୍ଷ ହେଲା ଆମ ଯମାତ୍ ଜଲ୍‌ସାର ଆୟୋଜନ କରୁନାହିଁ କିନ୍ତୁ ପୂର୍ବେ ଜଲ୍‌ସା ହେଉଥିଲା ସେତେବେଳେ ଶୀତ ଦିନେ ଜଲ୍‌ସା ହେଉଥିଲା । ବର୍ଷା ଭଳି ପରିସ୍ଥିତିରେ ମଧ୍ୟ ଲୋକମାନେ ବସି ବିନା କୌଣସି ଦ୍ୱିଧାରେ ଜଲ୍‌ସା ଶୁଣୁଥିଲେ । ଏଠାରେ ଯେତେବେଳେ ଇସଲାମାବାଦ୍‌ରେ ଜଲ୍‌ସା ଅନୁଷ୍ଠିତ ହେଉଥିଲା ବେଳେବେଳେ ପ୍ରବଳ ବର୍ଷା ହେଇ ଜଲ୍‌ସାଗାଃ ଜଳମଗ୍ନ ହୋଇଯାଉଥିଲା । ଜଲ୍‌ସାଗାଃ ଉପରେ ସାମିଆନା ଥିବା ସତ୍ୱେ ମଧ୍ୟ ପରିସ୍ଥିତି ବେଶ୍ ସୋଚନୀୟ ହୋଇଯାଉଥିଲା । ଲୋକେ ତଳେ ବସି ଜଲ୍‌ସା ଶୁଣୁଥିଲେ କାରଣ କୌଣସି ପକ୍କା ସ୍ଥାନ ନିର୍ମାଣ କରାଯାଇନଥିଲା କିନ୍ତୁ ବର୍ତ୍ତମାନ ଯେପରି ତଳେ ବସିବା ପାଇଁ ପକ୍କା ସ୍ଥାନ ନିର୍ମାଣ କରାଯାଇଛି ଓ ଉପରେ ସ୍ୟାଟ୍ରର ବ୍ୟବସ୍ଥା କରାଯାଇଛି ତାହା ତ' ପୂର୍ବାବସ୍ଥା ଅପେକ୍ଷା ବହୁତ ଉନ୍ନତ ମାନର । ମୋର ମନେ ଅଛି ଏକଦା ଜଲ୍‌ସାରେ ମୁଁ ସାମିଲ ହୋଇଥିଲି ଓ ତେବେ ବର୍ଷା ଯୋଗୁଁ ଜଲ୍‌ସାଗାଃ ଭିତରେ କାଦରେ ମଧ୍ୟ କିଛି ଜଳ ଆସିଗଲା ଓ ଭୂମି ଓଦା ହୋଇଗଲା । କଡ଼ରେ ତ' ପାଣି ଜମି ରହିଥିଲା ଯେଉଁ ଲୋକମାନେ କଡ଼ରେ ଛିଡ଼ା ହୋଇ ନମାଜ ପଢୁଥିଲେ ସେମାନଙ୍କର ଆଣ୍ଠୁ ଓ ମଥା ଜଳରେ ବୁଡ଼ି ରହୁଥିଲା । ଆଣ୍ଠୁ ଓ ମଥାରେ କାଦୁଅ ଲାଗିଯାଉଥିଲା । ସ୍ୱୟମ ମୋ ସହିତ ମଧ୍ୟ ଏହିପରି ଘଟିଛି ଯେତେବେଳେ ମୁଁ ସିଜ୍‌ଦାଃ କରିବାକୁ ଯାଉଥିଲି ମୋ ମଥା ଓ ଆଣ୍ଠୁରେ କାଦୁଅ ଲାଗିଯାଉଥିଲା ଫଳତଃ ମୁଁ ନିଜ ମଥାରୁ ପାଣି କାଦୁଅ ସଫା କରୁଥିଲି କାରଣ ଆଖିରେ କାଦୁଅ ବା ଖରାପ ପାଣି ପଶି ନ ଯାଉ । ସେହିପରି ଯଦି କୌଣସି ଘାସ କୁଟା ଲାଗିଯାଉଥିଲା ତାହା ମଧ୍ୟ ମୁଁ ସଫା କରିଦେଉଥିଲି । କିନ୍ତୁ ମୁଁ ସମସ୍ତଙ୍କଠାରେ ଗୋଟିଏ କଥା ଲକ୍ଷ୍ୟ କରିଛି ଯେ ସମସ୍ତ ଲୋକମାନେ ଏକ ଉତ୍ସାହ ଓ ଆବେଗର ସହିତ ସେତେବେଳେ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣୁଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ବର୍ତ୍ତମାନ ମଧ୍ୟ ଲୋକମାନଙ୍କ ମଧ୍ୟରେ ସେହି ସମାନ ମନୋଭାବ ଉଦ୍‌ଜ୍ଜିବିତ ରହିଛି ପ୍ରାୟତଃ କହିବାକୁ ଗଲେ ଅନେକ ଅହେମଦୀମାନଙ୍କ ମନରେ ମଧ୍ୟ ଏହିପରି ମନୋଭାବ ବଳବତର ରହିଛି କିନ୍ତୁ ଏଭଳି କେତେକ ଦୁର୍ବଳ ଶ୍ରେଣୀର ଲୋକମାନେ ମଧ୍ୟ ଅଛନ୍ତି ଯେଉଁମାନେ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଅବା ଆରାମର ଅଭ୍ୟସ୍ତ ଯୋଗୁଁ ଦୁର୍ବଳତା ପ୍ରଦର୍ଶନ କରିଥାନ୍ତି । ସେମାନଙ୍କୁ ମୁଁ ଏକଥା କହିବି ଯେ ଯଦି ଜଲ୍‌ସାରେ ଆସିବାକୁ ତାଙ୍କୁ ଅନୁମତି ଦିଆଯାଇଛି ତାହେଲେ ସେମାନେ ନିଶ୍ଚିତ ଭାବରେ ଜଲ୍‌ସାରେ ସାମିଲ ହେବା ଉଚିତ । ଏହି ସୁଯୋଗକୁ ହାତ ଛଡ଼ା କରିବା ଉଚିତ ନୁହେଁ । କାରଣ ସେମାନଙ୍କର କୌଣସି ପ୍ରକାର ଆଳ ଗ୍ରହଣୀୟ ହେବନାହିଁ । ପୁନଶ୍ଚ ଯେପରି ମୁଁ କହିଲି କେତେକ ଲୋକ ଏପରି ଅଛନ୍ତି ଯେଉଁମାନଙ୍କ ସ୍ୱଭାବ ହେଉଛି କଳହପ୍ରାୟ ସ୍ୱଭାବ ଓ କେତେକ ଲୋକଙ୍କର ଏ ସ୍ୱଭାବ ଥାଏ ଯେ ସେମାନେ ସର୍ବଦା ଅଭିଯୋଗ କରିଥାନ୍ତି । ଯମାତ୍‌ର ବ୍ୟବସ୍ଥା ଉପରେ ମଧ୍ୟ ଆଙ୍ଗଳି ଉଠାଇଥାନ୍ତି ଅବା ସମାଲୋଚନା କରିଥାନ୍ତି ଯେ, ବ୍ୟବସ୍ଥା ଏପରି ହେବା ଉଚିତ । ଏପରି କରିଥିଲେ ଭଲ ହୋଇଥାନ୍ତା ଇତ୍ୟାଦି ଇତ୍ୟାଦି । ଏହିପରି ହେବା ଉଚିତ, ଏପରି କରିଥିଲେ ଆମକୁ ମଧ୍ୟ ଜଲ୍‌ସାରେ ଅଂଶ ଗ୍ରହଣ କରିବାକୁ ସୁଯୋଗ ମିଳିଯାଇଥା'ନ୍ତା । ତେବେ ଏଭଳି ମନୋଭାବ ପୋଷଣ କରିବା ଉଚିତ ନୁହେଁ । ସେ ଯାହା ହେଉ ନା କାହିଁକି ସେହି ଲୋକମାନଙ୍କୁ ଏହା ମନେ ରଖିବା ଉଚିତ ଯେ ଆଜି ମଧ୍ୟ ଓ କାଲି ମଧ୍ୟ ତଥା ପରଦିନ ମଧ୍ୟ ଯେଉଁ ଲୋକମାନଙ୍କୁ ଆମନ୍ତ୍ରଣ ପତ୍ର ବା ଅନୁମତି ପତ୍ର ପ୍ରାପ୍ତ ହୋଇଛି ସେମାନେ ଅବଶ୍ୟ ଜଲ୍‌ସାରେ ସାମିଲ ହୁଅନ୍ତୁ ।

ବର୍ତ୍ତମାନ ମୁଁ କେତେକ ବ୍ୟବସ୍ଥା ଗତ କଥା ସମ୍ପର୍କରେ କହିବାକୁ ଚାହୁଁଛି ଯେ ଖାଇବାରେ ବା ଭୋଜନ କରିବା ସମୟରେ Distance maintain କରିବାର ଯେଉଁ ନିୟମ ରଖାଯାଇଅଛି, ତାହା ପାଳନ କରିବା ପାଇଁ ଇନ୍ତେଜାମିଆଙ୍କ ତରଫରୁ ଯେଉଁ ବ୍ୟବସ୍ଥା ରଖିବା ପ୍ରତି, ଦୃଷ୍ଟି ଆକର୍ଷଣ କରିବାପ୍ରତି ଆପଣମାନଙ୍କୁ ଯେଉଁ ନିର୍ଦ୍ଦେଶ ଦିଆଯିବ, ସ୍ଥାନେ ସ୍ଥାନେ ମଧ୍ୟ ତାହା ଲେଖା ଯାଇଛି ଯେ, ସାମାଜିକ ଦୂରତା ରକ୍ଷା କରନ୍ତୁ କିନ୍ତୁ କେତେକ ଲୋକମାନଙ୍କୁ ଏହି ନିର୍ଦ୍ଦେଶାବଳୀଗୁଡ଼ିକ ପଢ଼ିବାର ଅଭ୍ୟାସ ମଧ୍ୟ ନଥାଏ ସେମାନେ ଏଥିପ୍ରତି ଦୃଷ୍ଟି ରଖିନଥାନ୍ତି ସେହିପରି ଆଉ କେତେକ ଲୋକ ଏପରି ଥାଆନ୍ତି ଯେଉଁମାନେ ସାମାନ୍ୟ ପରିସ୍ଥିତିରେ ମଧ୍ୟ ଆଜିକାଲି ସାମାଜିକ ଦୂରତା ରକ୍ଷା କରୁନାହାନ୍ତି । ତେଣୁ ଭୋଜନ ନେବା ଓ ଭୋଜନ କରିବା ସମୟରେ ସାମାଜିକ ଦୂରତା ରକ୍ଷା କରିବା ପ୍ରତି ବିଶେଷ ଧ୍ୟାନ ଦେବେ । ଯଦିଓ ଖାଦ୍ୟ ଖାଇବା ସମୟରେ ମାସ୍କ ଓହ୍ଲାଇବାକୁ ପଡ଼ିଥାଏ କିନ୍ତୁ ଖାଦ୍ୟ ନେବା ସମୟରେ ମଧ୍ୟ ଏହି କଥା ପ୍ରତି ବିଶେଷ ଧ୍ୟାନ ଦେବେ । ସାମାଜିକ ଦୂରତା ରକ୍ଷା କରିବେ, ମୁହଁରେ ମାସ୍କ ଲଗାଇବେ ସେହିପରି ଡ୍ୟୁଟି ଦେଉଥିବା କର୍ମୀମାନେ ମଧ୍ୟ ଏହି କଥାକୁ ବାଧ୍ୟତାମୂଳକ ଭାବରେ ପାଳନ କରିବେ ଓ ସୁନିଶ୍ଚିତ କରିବେ ଯେ, ସମସ୍ତେ ମାସ୍କ ପିନ୍ଧିଛନ୍ତି ଓ ମାସ୍କ ବ୍ୟବହାର କରୁଛନ୍ତି । ଯଦି ସେମାନେ ଏଥିରେ କୋହଳତା ପ୍ରଦର୍ଶନ କରନ୍ତି ତାହେଲେ ଅତିଥିମାନେ ମଧ୍ୟ ଦୁର୍ବଳତା ଓ ଅବହେଳା ପ୍ରଦର୍ଶନ କରିବେ । ନିୟମର ଉଲ୍ଲଙ୍ଘନ କରିବେ ବା ନିୟମ ପାଳନ କରିବାରେ ଅବହେଳା ପ୍ରଦର୍ଶନ କରିବେ । ସେମାନଙ୍କଠାରୁ ଏହା ସେତେବେଳେ ଆଶା କରାଯାଇପାରିବ ଯେତେବେଳେ ସେମାନେ ଏହି ନିୟମଗୁଡ଼ିକ ପାଳନ କରୁଥିବେ ଓ କର୍ମୀମାନେ ଏହା ଉପରେ ଠିକ୍ ଠିକ୍ ଅମଳ କରୁଥିବେ । ତେଣୁ ଡ୍ୟୁଟି ଦେଉଥିବା କର୍ମଚାରୀ ଓ ଅତିଥିମାନେ ଉଭୟ ଏହି କଥାକୁ ବାଧ୍ୟତାମୂଳକ ଭାବରେ ପାଳନ କରିବେ ଯେ, ସେମାନେ ସ୍ନାନାଗାରରେ ହୁଅନ୍ତୁ, ବାଟରେ ହୁଅନ୍ତୁ, ଜଲ୍‌ସାଗାଃରେ ହୁଅନ୍ତୁ ଅବା ଖାଇବା ସ୍ଥଳୀରେ ହୁଅନ୍ତୁ । ସର୍ବଦା ମାସ୍କ ପିନ୍ଧିବେ, ସାମାଜିକ ଦୂରତା ରକ୍ଷା କରିବେ, ସ୍ୱଚ୍ଛତା ଅବଲମ୍ବନ କରିବେ, ହାତକୁ ସାନିଟାଇଜ୍ କରିବେ ଅବା ସାବୁନରେ ଭଲ ଭାବରେ ଧୋଇବେ । ଜଲ୍‌ସାଗାଃରେ ଜଲ୍‌ସା ଶୁଣିବା ସମୟରେ ମଧ୍ୟ ମାସ୍କ ପିନ୍ଧିକି ବସିବେ । ହଁ କେତେକ ପରିସ୍ଥିତିରେ ବ୍ୟବସ୍ଥାପିକା କର୍ତୃପକ୍ଷ ଚେକିଙ୍ଗ କରିବା ନିମନ୍ତେ ଯଦି ମାସ୍କ ଓହ୍ଲାଇବା ପାଇଁ କୁହନ୍ତି ତେବେ ତାଙ୍କ ସହ ସହଯୋଗ କରିବେ । ସେହି ସ୍ଲୋଗାନ ଦେବାର ଯେଉଁ ବ୍ୟବସ୍ଥା ରହିଛି, ବକ୍ତୃତା ଓ ଅଭିଭାଷଣ ସମୟରେ ଯେଉଁ ସ୍ଲୋଗାନ ଦିଆଯାଇଥାଏ ସେତେବେଳେ ସ୍ଲୋଗାନ ଦେବା ସମୟରେ ଏହି କଥାକୁ ସୁନିଶ୍ଚିତ କରିବେ ଯେ, କାହାରି ମୁହଁରୁ ଯେପରି ମାସ୍କ ବାହାରୁନଥିବ । କେତେକ ଲୋକମାନେ ଏହି ଅସାବଧାନତା ଅବଲମ୍ବନ କରିଥାନ୍ତି ତେଣୁ ସେମାନଙ୍କୁ ଏପରି କରିବା ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ଉଚିତ । କାରଣ ଏଥର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଓ ନୂଆ କଥା ତେଣୁ ଖୁବ୍ ସର୍ତକତାର ସହିତ ଧ୍ୟାନ ପୂର୍ବକ ସମସ୍ତ କଥାର ପାଳନ କରିବେ । ସମସ୍ତ ଆଦେଶର ପାଳନ କରିବେ । ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବାକୁ ହେଲେ ନିଜ ନିଜର ନାକ ଓ ମୁହଁକୁ ଭଲ ଭାବରେ ଢାଙ୍କି ରଖିବେ । ପୁନଶ୍ଚ ଗେଟ୍ ଭିତରେ ପ୍ରବେଶ କରିବା ସମୟରେ ଚେକିଙ୍ଗ ମଧ୍ୟ ହେବ, ଅନୁମତି କାର୍ଡ ହେଉ ଅବା ସମ୍ଭବତଃ ଭ୍ୟାକିସ୍‌ନେସନ୍ ସାର୍ଟିଫିକେଟ ଯାଂଚ କରିବା ହେଉ ଅନ୍ୟାନ୍ୟ ଅନୁମତି□ପତ୍ର ଯାଂଚ କରିବା ହେଉ, ଏହି ସମସ୍ତ ନିୟମ ପାଳନ କରିବାରେ କର୍ମୀମାନଙ୍କ ସହ ସହଯୋଗ କରିବେ । ତେଣୁ ଏହି ଦୃଷ୍ଟିକୋଣରୁ ଚେକ୍ କରୁଥିବା ବ୍ୟକକ୍ତିମାନଙ୍କୁ ଆସ୍ୱସ୍ତ କରିବାକୁ ପୂର୍ଣ୍ଣ ସହଯୋଗ କରିବେ । ଏଭଳି କୌଣସି ପ୍ରକାର ଆବେଗ ପରିପ୍ରକାଶ କରିବେନାହିଁ ଯେ ଏତେସବୁ ଚେକିଂ କରାଯିବା ଆପଣମାନଙ୍କୁ ଖରାପ ଲାଗୁଛି । ଏହି ସମସ୍ତ ସର୍ତ୍ତ ଜଲ୍‌ସାର ସୁରକ୍ଷା ଦୃଷ୍ଟିରୁ ରଖାଯାଇଛି ଓ ଅଂଶଗ୍ରହଣକାରୀଙ୍କ ହିତକୁ ଦୃଷ୍ଟିରେ ରଖି ଲାଗୁ କରାଯାଇଛି ।

ପୁଣି ଗୋଟିଏ ପ୍ରମୁଖ କଥା ମୁଁ କହିବାକୁ ଚାହେଁ ଯେ, ସିକ୍ୟୁରିଟି ଯୋଗୁଁ ନିଶ୍ଚିତ ହୋଇଯାଆନ୍ତୁ ନାହିଁ ବରଂ ଏହି ଦିଗରେ ଡ୍ୟୁଟି ଦେଉଥିବା କର୍ମୀ ଓ ଜଲ୍‌ସାରେ ଅଂଶଗ୍ରହଣକାରୀ ସମସ୍ତେ ସମ୍ପୂର୍ଣ୍ଣ ରୂପେ ସର୍ତକତା ଅବଲମ୍ବନ କରିବେ । ଯେପରି କି ଆପଣମାନଙ୍କୁ ପୂର୍ବେ ଯେଉଁ ମାର୍ଗଦର୍ଶନ ପ୍ରାପ୍ତ ହୋଇଥିଲା । ତଦନୁଯାୟୀ ଆପଣମାନେ ପରିଚାଳିତ ହେବେ ।

ପୁନଶ୍ଚ ଖାଇବା ସମ୍ପର୍କରେ ମଧ୍ୟ କହିବାକୁ ଚାହେଁ ଯେ, ଦ୍ୱିପ୍ରହର ଭୋଜନ ତ' ଇନ୍‌ଶାଅଲ୍ଲାଃ ତାଲା ମାରିକି ଅର୍ଥାତ ଖାଇବା ପେଣ୍ଡାଲ ସ୍ଥଳୀରେ ମିଳିଯିବ କିନ୍ତୁ ରାତ୍ର ଭୋଜନ ପ୍ୟାକିଙ୍ଗ କରି ଦିଆଯିବାର ବ୍ୟବସ୍ଥା କରାଯାଇଛି । ତେଣୁ ଆପଣମାନେ ରାତ୍ର ଭୋଜନ ନେଇ ନିଜ ଘରକୁ ଚାଲିଯିବେ ଚେଷ୍ଟା ତ କରାଯାଉଛି ଯେ ଶିଘ୍ରରୁ ଶିଘ୍ର ଭୋଜନ ବାଂଟି ଦିଆଯିବ କିନ୍ତୁ ଯଦି ସେଥିରେ ବିଳମ୍ବ ଘଟେ ତାହେଲେ ଚିନ୍ତିତ ଓ ବ୍ୟସ୍ତବିବ୍ରତ ହେବେ ନାହିଁ । ସେହିପରି ଜଲ୍‌ସା ଶୁଣିବା ସମ୍ପର୍କରେ ମଧ୍ୟ ଯେଉଁ ସାମୁହିକ ନିର୍ଦ୍ଦେଶାବଳୀଗୁଡ଼ିକ ପ୍ରତ୍ୟେକ ବର୍ଷ ଦିଆଯାଇଥାଏ । ତାହା ପୁନରାବୃତି କରିଦେଉଛି । ଜଲ୍‌ସା ଶୁଣିବା ଓ ପରସ୍ପରକୁ ଦୀର୍ଘ ଅବଧି ପରେ ଭେଟିବା ଯୋଗୁଁ ଏଣେତେଣେ ବସି ନିଜ ପ୍ରୀୟଜନମାନଙ୍କ ସହିତ ବା ସାଙ୍ଗସାଥିମାନଙ୍କ ସହିତ କଥାବାର୍ତାରେ ମଜି ଯାଆନ୍ତୁ ନାହିଁ କାରଣ ଆପଣମାନେ ଜଲ୍‌ସା ଶୁଣିବା ପାଇଁ ଆସିଛନ୍ତି ତେଣୁ ଆପଣମାନଙ୍କର ଏହି କର୍ତବ୍ୟ

ରହିଛି ଯେ ଜଲ୍‌ସାକୁ ବେଶ୍ ମନଯୋଗର ସହିତ ଶୁଣନ୍ତୁ । ଏହି ମହାମାରୀ ଓ ସଂକ୍ରମଣ ରୋଗ ଯୋଗୁଁ ଅନେକ ଲୋକ ଆମ ଗହଣରେ ନାହାନ୍ତି ବରଂ ବା ଆମ ପାଖରୁ ବିଦାୟ ନେଇଯାଇଛନ୍ତି । ତେଣୁ ଏହି ରୋଗ ଯୋଗୁଁ ନିଜ ନିକଟ ପରିଜନ, ଯେଉଁମାନଙ୍କ ସହିତ ଦୀର୍ଘ ସମୟ ହେଲା ଭେଟ ହୋଇନାହିଁ । ଏହି ଦୀର୍ଘ ଅବଧି ମଧ୍ୟରେ ଜମାତି ସ୍ତରରେ ମଧ୍ୟ କୌଣସି କାର୍ଯ୍ୟକ୍ରମ ବା ଫଙ୍କସନ୍ ହୋଇନାହିଁ ତେଣୁ ଏହି ଦୀର୍ଘ ଦିନ ପରେ ପରସ୍ପରକୁ ଭେଟିବା ଯୋଗୁଁ ସେମାନେ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିବା ପରିବର୍ତ୍ତେ ନିଜ ଭଲମନ୍ଦ ବୁଝିବା ସୁଖଦୁଃଖ ହେବାରେ ମାତି ଯାଆନ୍ତୁ ନାହିଁ ଓ ଜଲ୍‌ସା ଶୁଣିବାରୁ ବଂଚିତ ରହିଯାଆନ୍ତୁ ନାହିଁ । ଜଲ୍‌ସାକୁ ଆସିଛନ୍ତି ତେଣୁ ଜଲ୍‌ସାରୁ ଭରପୂର ଭାବରେ ଲାଭାନ୍ୱିତ ହୁଅନ୍ତୁ ଓ ଉପକୃତ ହୁଅନ୍ତୁ । ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଜଲ୍‌ସା ଦିନରେ ଜିକ୍‌ରେ ଇଲାହି ପ୍ରତି ଧ୍ୟାନ ଆକର୍ଷିତ କରି ଏକ ଗୁଢ଼ ରହସ୍ୟ ବର୍ଣ୍ଣନା କରିଛନ୍ତି । ଆପଣ ର:ଅ କୁହନ୍ତି ମୋ ମନରେ ଏହି ଧାରଣାଟି ଉତ୍ପନ୍ନ ହୋଇଛି ଯେ ଅଲ୍ଲାଃ ତାଲା କୁହନ୍ତି ଜଲ୍‌ସା ଦିନରେ ଜିକ୍‌ରେ ଇଲାହି କର (ଅର୍ଥାତ ପ୍ରଭୁଙ୍କ ସ୍ମରଣ କର ଓ ତାଙ୍କ ଗୁଣଗାନ କର) ଯେତେବେଳେ ଆପଣମାନେ ମଜ୍‌ଲିସ୍‌ରେ ବସିଥିବେ ତେବେ ସେତେବେଳେ ଏହି ଜିକ୍‌ରେ ଇଲାହିରେ ନିଜ ସମୟ ବ୍ୟତିତ କରିବା ଉଚିତ । ଏହାର ଲାଭ ସମ୍ପର୍କରେ ଅଲ୍ଲାଃ ତାଲା କୁହନ୍ତି: **ଉଜ୍‌କୁରୁଲ୍ଲାହା ୟଜ୍‌କୁର୍‌କୁମ୍** ଅର୍ଥାତ ତୁମେ ଯଦି ପ୍ରଭୁଙ୍କୁ ସ୍ମରଣ କରିବ ତେବେ ସେ ମଧ୍ୟ ତୁମକୁ ସ୍ମରଣ କରିବେ ଅର୍ଥାତ ତୁମର ଚର୍ଚ୍ଚା କରିବେ । ଅଲ୍ଲାଃ ତାଲା କୁହନ୍ତି ବର୍ତମାନ ସେହି ଭକ୍ତ ପରି ଆଉ କିଏ ବା ସୌଭାଗ୍ୟଶାଳୀ ଯିଏ ପ୍ରଭୁଙ୍କୁ ସ୍ମରଣ କରିଥାଏ ପ୍ରଭୁଙ୍କର ନାମ ଜପ କରିଥାଏ ଓ ପ୍ରଭୁ ମଧ୍ୟ ତାଙ୍କ ସହ ସମାନ ଆଚରଣ ପ୍ରଦର୍ଶନ କରିଥାନ୍ତି । ଅର୍ଥାତ ତାଙ୍କର ଚର୍ଚ୍ଚା ଅନ୍ୟ ମାନଙ୍କ ଠାରେ କରିଥାନ୍ତି । ***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୪, ପୃ-୨୫୮)***

ତାଙ୍କ ସୁଗୁଣର ଚର୍ଚ୍ଚା କରିଥାନ୍ତି ଅନ୍ୟମାନଙ୍କ ନିକଟରେ ଅତଏବ ଏହି ଦିନ ମାନଙ୍କରେ ଜିକ୍‌ରେ ଇଲାହି ହିଁ ଅଲ୍ଲାଃ ତାଲାଙ୍କର କୃପାକୁ ଅଧିକ ସାଉଁଟିବାର ମାଧ୍ୟମ । ତେଣୁ ଏହି ଦିନମାନଙ୍କରେ ବିଶେଷ କରି ଜିକ୍‌ରେ ଇଲାହି ଉପରେ ମନଯୋଗ କରିବେ, ଧ୍ୟାନ ଦେବେ । ସମଗ୍ର ପୃଥିବୀରେ ପରିବ୍ୟାପ୍ତ ଅହେମଦିମାନେ ସେମାନେ ଯେଉଁଠି ବି ଏକାଠି ବସି ଜଲ୍‌ସା ଶୁଣୁଛନ୍ତି, ପରିବାର ସହିତ ମିଶି ଜଲ୍‌ସା ଶୁଣୁଛନ୍ତି ସେମାନେ ମଧ୍ୟ ଜିକ୍‌ରେ ଇଲାହିରେ ସମୟ ବ୍ୟତିତ କରିବେ । କାରଣ ସେମାନେ ଅଧିକରୁ ଅଧିକ ଅଲ୍ଲାଃ ତାଲାଙ୍କର କୃପାକୁ ଏତଦ୍‌ଦ୍ୱାରା ସାଉଁଟି ପାରିବେ । ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ଉତମ ଓ ସୁଦୃଢ଼ କରିପାରିବେ । ସାଂସାରିକ ବିପତିଠାରୁ ମଧ୍ୟ ଅଲ୍ଲାଃ ତାଲା ସେମାନଙ୍କୁ ସୁରକ୍ଷିତ ରଖିବ ଓ ନିରାପଦ ରଖିବେ ।

ଅତଃ ଏହି ଜଲ୍‌ସାର ପରିବେଶରୁ ଭରପୂର ଭାବରେ ଲାଭବାନ ହେବା ପାଇଁ ଉଦ୍ୟମ କରିବେ । ବକ୍ତୃତା ଓ ଭାଷଣମାନ ମଧ୍ୟ ଶୁଣିବେ, ଦୁଆ ମଧ୍ୟ କରିବେ, ଏଥର ଜଲ୍‌ସାରେ ବହୁତ କମ୍ ସଂଖ୍ୟକ ଲୋକ ଯୋଗ ଦେଇଥିବା ଯୋଗୁଁ ପ୍ରତ୍ୟେକଙ୍କ ପାଇଁ ଚେୟାରର ବ୍ୟବସ୍ଥା କରାଯାଇଛି ତେଣୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବସିବାରେ କୌଣସି ଅସୁବିଧା ନାହିଁ । ଆରାମରେ ଚେୟାରେ ବସି ବକ୍ତୃତା ଶୁଣିବାର ବ୍ୟବସ୍ଥା କରାଯାଇଛି । ସେପରି କହିବାକୁ ଗଲେ ଜଲ୍‌ସାର ଗୋଟିଏ ଅଧିବେଶନ ଏତେ ଦୀର୍ଘ ହୋଇନଥାଏ । ସାମାନ୍ୟ ରୂପେ ଦୁଇ ଅବା ଅଢ଼େଇଘଂଟା ମଧ୍ୟରେ ଆଧାରିତ ରହିଥାଏ । ଏହାଠୁ ଅଧିକ ଆଉ କୌଣସି ସୁବିଧା ନାହିଁ ଯଦି ଭୂମି ଉପରେ ବସିବାକୁ ଭଲ ଲାଗୁଥାଏ ତେବେ ତାହା ମଧ୍ୟ କରିପାରିବେ । ସେଥି ପାଇଁ ମଧ୍ୟ କୌଣସି ପ୍ରତିବନ୍ଧକ ନାହିଁ ।

ପରିଶେଷରେ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏକ ସନ୍ଦର୍ଭ ଉପସ୍ଥାପିତ କରିବାକୁ ଚାହୁଁଛି ଆପଣ ଆ:ସ କୁହନ୍ତି: ସମସ୍ତ ସଜ୍ଜନମାନେ ଧ୍ୟାନପୂର୍ବକ ଶୁଣନ୍ତୁ ମୁଁ ନିଜର ଯମାତ୍ ପାଇଁ ଓ ନିଜ ପାଇଁ ଏହାହିଁ ଅଭିଳାଷୀ, ଏହା ହିଁ ମୁଁ ପସନ୍ଦ କରେ ଯେ, ବାହ୍ୟିକ କଥନ ଓ ବଚନ ଯାହାକି ଅଭିଭାଷଣ କିମ୍ବା ବକ୍ତୃତାରେ ଉପସ୍ଥାପନ କରାଯାଇଥାଏ କେବଳ ତାହାକୁ ହିଁ ଧରି ନ ବସ ଓ ସମସ୍ତ ଅଭିପ୍ରାୟ ଏହିଥିରେ ଅନ୍ତର୍ନିହିତ ନ କରିଦିଅ ବା ଅଟକି ନ ଯାଉ ବା ତୁମର ସମସ୍ତ ଉଦ୍ଦେଶ୍ୟ ସେହିଥିରେ ହିଁ ନ ରହିଯାଉ ଯେ, ବକ୍ତାଜଣକ କେଡ଼େ ଯାଦୁକାରୀ ଭାଷଣ ଦେଇଛନ୍ତି । ତାଙ୍କ ବାକ୍ୟଗୁଡ଼ିକ କେତେ ପ୍ରଭାବଶାଳୀ । ମୁଁ ଏହି କଥା ଉପରେ ସହମତ ନୁହେଁ । ମୋ ସ୍ୱଭାବ ଏହା ଚାହିଁଥାଏ ଓ ମୁଁ ଏକଥା ପସନ୍ଦ କରେନାହିଁ । ମୁଁ ତ' ଏକଥା ପସନ୍ଦ କରିଥାଏ ଯେ ଯେଉଁ କାମ ହେଉଛି, ତାହା ଅଲ୍ଲାଃଙ୍କ ପାଇଁ ହେଉ । ଏଥିରେ କିଛି ଲୋକ ଦେଖାଣିଆ କଥା ନ ହେଉ । ଅର୍ଥାତ ଯେଉଁ କଥା ବି ହେଉ ତାହା କେବଳ ଅଲ୍ଲାଃ ତାଲାଙ୍କ ସକାଶେ ହିଁ ହେଉ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୪୦୧)***

ପୁନଶ୍ଚ କହିଲେ ମୁସଲମାନମାନଙ୍କ ମଧ୍ୟରେ ଅଧପତନ ଓ ଅଧଗତି ଆସିବାର ସବୁଠାରୁ ପ୍ରମୁଖ କାରଣ ହେଉଛି ଏହା ଅନ୍ୟଥା, ଧର୍ମ ସମ୍ମିଳନୀ ଅବା ମଜ୍‌ଲିସ୍ ଗୁଡ଼ିକ ଆୟୋଜନ କରାଯାଇଥାଏ ସେଠାରେ ବଡ଼ ବଡ଼ ଓ ବରିଷ୍ଠ ବକ୍ତାମାନେ ଅତି ସୁନ୍ଦର ଭାବରେ ନିଜର ବକ୍ତୃତା ପରିବେଷଣ କରିଥାନ୍ତି । କବିମାନେ ଜାତିର ଦୂରାବସ୍ଥା ଉପରେ ଶୋକ ଗିତିକା ଉପସ୍ଥାପନ କରିଥାନ୍ତି କିନ୍ତୁ ସେ ସବୁର କିଛି ବି ପ୍ରଭାବ ପଡ଼ିନଥାଏ । ତେଣୁ ଏହି ସବୁ କଥାର ମୋ ନିକଟରେ କୌଣସି ମୂଲ୍ୟ ନାହିଁ ତାହା ନିଷ୍କ୍ରିୟ ଏହା ଦ୍ୱାରା ଜାତି ବିକାଶ ହେବା ପରିବର୍ତ୍ତେ ଦିନ କୁ ଦିନ ଅଧୋଗତି ଓ ଅବନତିର ଶିକାର ହୋଇଥାଏ । ପ୍ରକୃତ କଥା ହେଲା ଏହି କି ଯେ, ଏହି ସଭା ଅବା ଏଭଳି ମଜ୍‌ଲିସ୍‌ରେ ଅଂଶ ଗ୍ରହଣକାରୀ ଏବଂ ଆଗମନକାରୀ ବ୍ୟକ୍ତିମାନେ ନିଷ୍ଠା ମନୋଭାବ ରଖି ଜଲ୍‌ସାରେ ସାମିଲ ହେଉନାହାନ୍ତି । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୪୦୧)***

ଯାହା ଶୁଣୁଛନ୍ତି ତାହା ଉପରେ କାର୍ଯ୍ୟାନୁସରଣ କରନ୍ତୁ ତାହାହିଁ ମୂଳ, ତାହାହିଁ ସାର । ତେଣୁ ପ୍ରତ୍ୟେକ ଭାଷଣ ଓ ବକ୍ତୃତାକୁ ଶୁଣନ୍ତୁ ଏପରି ନ ହେଉ ଯେ ଅମୁକ ବକ୍ତା ଓ ଭାଷଣଦାତା ଜଣେ ଭଲ ବକ୍ତା ତାକୁ ହିଁ ଶୁଣିବା ଏବଂ ଅନ୍ୟମାନଙ୍କ ବକ୍ତୃତା ଅବା କାର୍ଯ୍ୟକ୍ରମ ସମୟରେ ନିଜ କଥାରେ ମାତି ସେମାନଙ୍କ ବକ୍ତବ୍ୟ ଶୁଣିବା ନାହିଁ ଏପରି ନ ହେଉ । ତେଣୁ ସମ୍ପୂର୍ଣ୍ଣ ନିଷ୍ଠାର ସହିତ ଧ୍ୟାନପୂର୍ବକ ସମସ୍ତ ବକ୍ତାମାନଙ୍କର ଅଭିଭାଷଣ ଶୁଣିବା ଉଚିତ ଓ ତାହା ଉପରେ କାର୍ଯ୍ୟକାରୀ କରିବା ଉଚିତ । ନିଷ୍ଠାର ସହିତ ଅମଳ କରିବା ଉଚିତ ଓ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ପ୍ରତି ବ୍ୟାକୁଳ ରହିବା ଉଚିତ । ଯେତେବେଳେ ଏହି ଭାବନାଟି ରହିବ ସେତେବେଳେ ଯାଇ ଆମମାନଙ୍କର ଅବସ୍ଥା ସୁଧୁରିବ ଓ ଆମେମାନେ ନିଜ ଆଗାମି ବଂଶଧରମାନଙ୍କ ପାଇଁ ଉଦାହରଣ ଓ ମାର୍ଗଦର୍ଶକ ପାଲଟିବା ତେଣୁ ଏଥିପାଇଁ ଆମମାନଙ୍କୁ ଉଦ୍ୟମ କରିବା ଉଚିତ । ଅଲ୍ଲାଃ ତାଲା ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି, ଯିଏ ଏହି ଜଲ୍‌ସାରେ ସାମିଲ ହେଉଛନ୍ତି ବା ଜଲ୍‌ସା ଶୁଣୁଛନ୍ତି ନିଜ ମଧ୍ୟରେ ନିଷ୍ଠାପର ମନୋଭାବ ସୃଷ୍ଟି କରି ଜଲ୍‌ସାରେ ଯୋଗ ଦେବା ଉଚିତ ଓ ପାଣିପାଗ କିଭଳି ଅନୁକୂଳ ରହିବ ସେଥିପାଇଁ ମଧ୍ୟ ଦୁଆ କରିବା ଉଚିତ । ଏହି ଦିନମାନଙ୍କରେ କରାଯାଇଥିବା ଦୁଆ ପ୍ରଭୁଙ୍କ ନିକଟରେ ଗ୍ରହଣୀୟ ହେଉ ଓ ଅଲ୍ଲାଃ ତାଲା ଏହାକୁ ଆମ ସପକ୍ଷରେ କରିଦିଅନ୍ତୁ । ଏହି ଜଲ୍‌ସା ଆମପାଇଁ ଫଳପ୍ରଦ ସାବ୍ୟସ୍ତ ହେଉ । ଆମେ ଏଥିରୁ ସମ୍ପୂର୍ଣ୍ଣ ରୂପେ ଉପକୃତ ହେଉ । ଆମିନ୍......

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୨ ର ଅବଶିଷ୍ଟାଂଶ ......*

କଥା ମାନିବ ନାହିଁ । ଯଦି କଥା ମାନିବ ନାହିଁ ତାହେଲେ ପୁଣି ଅଜାବ୍ ତ ଆସିବ ।

ଅତଏବ ଅଲ୍ଲାଃ ତାଲା ପ୍ରତ୍ୟେକ ଜିନିଷ ପାଇଁ ସମୟ ଧାର୍ଯ୍ୟ କରିଛନ୍ତି । ତବ୍‌ଲିଗ୍ କରିବା ହେଉଛି ଆମର କାମ ଏବଂ ଦୁଆ କରିବା ହେଉଛି ଆମର କାର୍ଯ୍ୟ ଓ ଏହା ଦ୍ୱାରା ହିଁ ଗଲ୍‌ବା ହେବ । ଯଦି ଏଥିରେ ମଧ୍ୟ ଏମାନେ ମାନିବେ ନାହିଁ ତାହେଲେ କିଛି ସ୍ଥାନରେ ପୁଣି ଅଜାବ୍ ମଧ୍ୟ ଆସୁଅଛି ଏବଂ ସେହି ଅଜାବ୍ ସେମାନଙ୍କର ଧ୍ୟାନ ଆକର୍ଷଣ କରାଉଛି । ତେଣୁ ମୁଁ ଜାମିୟାରେ ପଢୁଥିବା ପିଲାମାନଙ୍କୁ ଏହି କଥା କହିଥାଏ ଯେ, ଆମର କାମ ହେଉଛି ତବ୍‌ଲିଗ୍ କରିବା ଓ ଲୋକମାନଙ୍କୁ ଏହା ବତାଇବା ଯେ, ଏହି ମାର୍ଗ ହେଉଛି ପ୍ରକୃତ ମାର୍ଗ । ଯଦି ଏହି ମାର୍ଗ ଆଡ଼କୁ ନ ଆସିବ ତାହେଲେ ଅଲ୍ଲାଃ ତାଲାଙ୍କ ଅଜାବ୍ ମଧ୍ୟ ଆସିପାରେ ।

**ଜର୍ନାଲିଷ୍ଟ ଜଣକ ପଚାରିଲେ ଯେ ଓବାମା** State of the union ରେ ଗୋଟିଏ ବକ୍ତବ୍ୟରେ ଏକଥା କହିଥିଲେ ଯେ No challenge is a greater threat that to our future generation than climate change ଏ ସମ୍ବନ୍ଧରେ ଆପଣଙ୍କର ଦୃଷ୍ଟିକୋଣ କ'ଣ ?

ଏହି ପ୍ରଶ୍ନର ଉତର ଦେଇ ହଜୁର ଅନଓ୍ୱର ଅ:ବ:ଅ: ତା'ପରେ ଜଣେ ପଲିଟିସିଆନ୍ ଓ ଜଣେ ସିନେଟ୍ ଅଆଉ ଏକ ବିବୃତି ମଧ୍ୟ ଦେଇଥିଲେ ଯେ ଏକଥା ଠିକ୍ ନୁହେଁ । ତୁମେମାନେ କ୍ଲାଇମେଟ୍ ଚେଞ୍ଜକୁ ଧରି ବସିଛ । ବର୍ତମାନ ତା'ଠାରୁ ବଡ଼ ଥ୍ରେଟ ତୁମମାନଙ୍କର ସେହି ଅତ୍ୟଚାର, ଯାହା ତୁମେମାନେ ପରସ୍ପର ବିରୁଦ୍ଧରେ କରୁଅଛ । କ୍ଲାଇମଟେ୍ ଚେଞ୍ଜ ସମ୍ବନ୍ଧରେ ବୈଜ୍ଞାନିକମାନେ ଓ ଋତୁ ସମ୍ବନ୍ଧିୟ ବିଶେଷଜ୍ଞମାନେ ଏକଥା କହୁଛନ୍ତି ଯେ କିଛି ବର୍ଷ ଅନ୍ତରାଳରେ ଏକ ପ୍ରକାରର ପରିବର୍ତନ ଆସିଥାଏ । North pole ଏବଂ ସେହିପରି ସ୍ଥାନରେ ଯେଉଁ ବରଫ ଜମା ହୋଇଛି ଓ ପିଘୁଳୁଛି, ପୂର୍ବରୁ ମଧ୍ୟ ଏପରି ହୋଇଥିଲା ଅର୍ଥାତ ବରଫ ପିଘିଳି ଥିଲା । ପୁଣି ପରେ ବରଫ ଜମିବା ଆରମ୍ଭ ହୋଇଗଲା । ପ୍ରଶ୍ନ ଉଠୁଛି ଏହା କି Climate change ତ ହେଉଅଛି କିନ୍ତୁ ଦେଖନ୍ତୁ ତା ପଛରେ ଆମେରୀକାର କଣ ଉଦ୍ଦେଶ୍ୟ ରହିଛି । ସେମାନଙ୍କର ବୟାନ (ବୃତାନ୍ତ)କୁ ସେତିକିରେ ସିମୀତ ରଖନ୍ତୁ ନାହିଁ । ତାହାକୁ ଚିନ୍ତା ବିଚାର କରି ଦେଖନ୍ତ । ଗୋଟିଏ ଦଲିଲ (ପ୍ରମାଣ) ଏହା ଦିଆଯାଉଛି ଯେ ଯେଉଁ କାର୍ବନ ଏମିଶନ୍ ଇତ୍ୟାଦି ନିର୍ଗତ ହେଉଅଛି, ସେଥିଯୋଗୁଁ ବହୁତ ପରିବର୍ତନ ପରିଲିକ୍ଷିତ ହେଉଅଛି । ପାଣିପାଗ ଗରମ ହେଉଛି ଅର୍ଥାତ ଗ୍ରୀଷ୍ମତାପ ବଢ଼ିଚାଲିଛି ଓ ସେଥିପାଇଁ Ozon Layer ରେ ଛିଦ୍ର ସୃଷ୍ଟି ହେଉଅଛି । ଏହିଭଳି ଲମ୍ବା କାହାଣି ରହିଛି ତେଣୁ ଆମକୁ ନିଜର ଏହି ଜିନିଷରେ କାମ କରିବା ଉଚିତ । ଆମେରୀକା ଏବେ ଏ ଘୋଷଣା କରୁଛି ଯେ ଆମେ ଏହାକୁ କମ୍ କରିଦେବୁ । ଚାଇନା କହୁଛି ମୁଁ ତୁମର ଚାଲାଖିକୁ ବୁଝୁଛି । ତୁମୋ ମୋଠାରୁ ଶହେ ବର୍ଷ ପୂର୍ବେ ଉନ୍ନତି କରିଥିଲ ଏବଂ ଏହି ସବୁ ଜିନିଷ ତୁମେ ହିଁ (ଅର୍ଥାତ ଆମେରୀକା) ବାୟୁରେ ଛାଡ଼ିଛି । ଏବେ ମୁଁ ଯେପର୍ଯ୍ୟନ୍ତ ଶହେ ବର୍ଷ ଯାଏ ସେହି ସ୍ଥାନରେ ନ ପହଂଚିଛି ଓ ତୁମ ପରି ଉନ୍ନତି ନ କରିଛି ଓ ତୁମ ମୁକାବିଲାରେ ଆସି ତୁମକ ନିଚା ନ କରିଛି ସେ ପର୍ଯ୍ୟନ୍ତ ମୁଁ ଏକଥା ମାନିବି ନାହିଁ । ଏବେ ଯାହା ଭୂଲ ଓ ଦୋଷ ହେବ ତୁମର ହିଁ ହେବ । ଅସଲ କଥା ହେଉଛି ଏହା କି ଏ ଦୁନିଆ ଯେଉଁ ଉନ୍ନତି କରିଚାଲିଛି ସେହି ଉନ୍ନତି ନ ହେଉ ଓ ଆପଣ ତାଙ୍କ ତଳେ ପଡ଼ି ରୁହ । ଯେଉଁ ଦେଶଗୁଡ଼ିକ ଉନ୍ନତି କରିସାରିଛନ୍ତି, ସେମାନେ କହୁଛନ୍ତି ଯେ ଆମ ତଳେ ତୁମେ ରୁହ । ଆମେରୀକା କହୁଛି ଯେ ଯଦି ଚାଇନା ଏବଂ ଭାରତ ଉପରକୁ ଚାଲିଯିବେ, ତେବେ ଆମ ଇକୋନୋମୀ ଶେଷ ହୋଇଯିବ । ସେଥିପାଇଁ climate change କଥା କହୁଛି । ପ୍ରଶ୍ନ ଉଠୁଛି ଏହା ଯେ କଣ କ୍ଲାଇମେଟ୍‌ରେ ଯେଉଁ ପରିବର୍ତନ ପରିଲକ୍ଷିତ ହେଉଅଛି ସେଥିଯୋଗୁଁ କ'ଣ ଅନ୍ୟ ଦେଶଗୁଡ଼ିକ ସୃଷ୍ଟି ହୋଇଛନ୍ତି । ପ୍ରଥମେ ନିଜ ଇଲାକାକୁ ସମ୍ଭାଳ । ସେଠାରେ ତ ତୁମେ କାମ କରୁନାହଁ ।

*କ୍ରମଶଃ......*

**ବାପାଙ୍କ ଦୁଆ (ପ୍ରାର୍ଥନା, ଆର୍ଶୀବାଦ)ରୁ ଲାଭ ଉଠାଅ ଏବଂ ତାଙ୍କ ବଦ୍‌ଦୁଆ (ଅଭିଷାପ)ରୁ ଦୂରେଇ ରୁହ ।**

**ବିବାହ ପରେ ଜଣେ ଓ୍ୱାକିଫାଏ ନୌର ବଡ଼ ଦାୟିତ୍ୱ ହେଉଛି ଏହା କି ସେ ତା' ସନ୍ତାନମାନଙ୍କର ଏପରି ତର୍‌ବିୟତ୍ (ପ୍ରଶିକ୍ଷଣ) କରନ୍ତୁ ଯେ ସେମାନଙ୍କର ଅଲ୍ଲାଃଙ୍କ ସହିତ ସମ୍ପର୍କ ସ୍ଥାପନ ହେଉ ନିଜର ନୂଆ ପିଢ଼ିକୁ ଅହେମଦୀୟତ୍ ଉପରେ ପ୍ରତିଷ୍ଠିତ କରାନ୍ତୁ ଓ ଅଲ୍ଲାଃଙ୍କ ସହିତ ସେମାନଙ୍କର ସମ୍ପର୍କ ଯୋଡ଼ନ୍ତୁ ।**

## ସୟଦନା ହଜ୍‌ରତ୍ ଅମୁରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କୁ ପଚରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକର ଅନ୍ତର୍ନିହିତ ଓ ବିଶ୍ୱାସବର୍ଦ୍ଧକ ଉତର

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

### ଭାଗ-୩

**ପ୍ରଶ୍ନ- ଗୋଟିଏ ଖୁତ୍‌ବା ଜୁମାରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଦ୍ୱାରା ବର୍ଣ୍ଣିତ ଏକ ବୃତାନ୍ତ ଯେ ''ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ କତାଦାଃ ବିନ୍ ନୋମାନ୍‌ଙ୍କୁ ଗୋଟିଏ ବାଡ଼ି ପ୍ରଦାନ କରି ଏକଥା କହିଥିଲେ ଯେ ଏହାକୁ ନିଜ ଘରେ ଉପସ୍ଥିତ ଥିବା ଜିନ୍ନକୁ ମାରି ଘଉଡ଼ାଇ ଦେବ'' ଏ ସମ୍ବନ୍ଧରେ ଜଣେ ମହିଳା ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ପ୍ରକୃତ ଘଟଣାକୁ ଜାଣିବା ପାଇଁ ନିବେଦନ କଲେ ।** ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨୯ ଅଗଷ୍ଟ ୨୦୧୯ରେ ଉକ୍ତ ଘଟଣାର ସ୍ପଷ୍ଟିକରଣ ଦେଇ ନିମ୍ନଲିଖିତ ଉତର ପ୍ରଦାନ କରିଛନ୍ତି ।

**ଉତର:-** ହଜୁର ସ:ଆ:ସଙ୍କର ଏହି ହଦିସ୍ ଏବଂ ଏହିପରି ଅନ୍ୟାନ୍ୟ ହଦିସ୍ ଯେଉଁଥିବରେ ହଜୁର ସ:ଆ:ସ ବା ଆପଣ ସ:ଆ:ସଙ୍କ ସାହାବାମାନଙ୍କ ପାଇଁ ଆଲୋକର ରୂପରେଖ ବିଷୟରେ ଉଲ୍ଲେଖ କରିଯାଇଅଛି, ବାସ୍ତବରେ ତାହା ହଜୁର ସ:ଆ:ସଙ୍କ ମୋଜେଜା (ଐଶିଚମତ୍କାର) ଉପରେ ଆଧାରିତ । ଏହି ପ୍ରକାରର ଐଶି ଚମତ୍କାର ଅଲ୍ଲାଃ ତାଲା ପ୍ରତିଯୁଗରେ ନିଜ ନବୀମାନଙ୍କ ସତ୍ୟତାକୁ ପ୍ରତିପାଦନ କରିବା ପାଇଁ ପ୍ରଦର୍ଶନ କରି ଆସିଛନ୍ତି । ଅତଏବ ଆଁ ହଜୁର ସ:ଆ:ସଙ୍କ ପୂର୍ବରୁ ଆସିଥିବା ଅମ୍ବିୟାମାନଙ୍କ ଜୀବନରେ ମଧ୍ୟ ଏପରି ଘଟଣା ଘଟିଥିବାର ମିଳୁଅଛି । ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସଚ୍ଚା ସେବକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା ନିମନ୍ତେ ମଧ୍ୟ ଅଲ୍ଲାଃ ତାଲା ଏପରି ଅନେକ ଘଟଣା ପ୍ରକାଶ କରିଛନ୍ତି ।

ଯେଉଁଠି ଏହି ହଦିସ୍‌ରେ ଜିନ୍ନ ବା ଶୈତାନ୍‌କୁ ବାଡ଼ି ଦ୍ୱାରା ମାରିବାର ସମ୍ପର୍କ ରହିଛି, ଏଥିରୁ ଏକଥା ଭାବିନେବା ଯେ ଜିନ୍ନ ମଣିଷର ଶରୀର ଭିତରେ ପଶିଯାଇଥାନ୍ତି ଏବଂ ସେମାନଙ୍କୁ ଏମିତି ବାଡ଼ି ସାହାଯ୍ୟରେ ପିଟିବା ଦ୍ୱାରା ସେମାନେ ମଣିଷ ଶରୀରରୁ ବାହାରି ଚାଲିଯିବେ, ଏପରି ଧାରଣା ସମ୍ପୂର୍ଣ୍ଣ ରୂପେ ନିରର୍ଥକ ।

ଏହି ହଦିସ୍‌ରେ ଜିନ୍ନର ଅର୍ଥ ହେଉଛି କୌଣସି ଚୋର ବା କ୍ଷତିକାରକ ପଶୁ / ଜୀବ, ଯିଏ ଆନ୍ଧାର ରାତିରେ ହଜ୍‌ରତ୍ କତାଦା ବିନ୍ ନୋମାନ୍ ର:ଅଙ୍କ ଘରେ ପଶିଯାଇଥିଲା । ପୁଣି ଅଲ୍ଲାଃଙ୍କର ଏ ସୁନ୍ନତ (କାର୍ଯ୍ୟପନ୍ଥା) ରହିଥାଏ ଯେ ସେ ନିଜ ଅମ୍ବିୟାମାନଙ୍କୁ ଆସଧାରଣ ରୂପେ ଅଦୃଶ୍ୟର ଜ୍ଞାନ ପ୍ରଦାନ କରିଥାନ୍ତି । ଏଥିରେ ମଧ୍ୟ ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କୁ ପୂର୍ବରୁ ଏ ଖବର ଦେଇଥବଲେ ଯେ ହଜ୍‌ରତ କତାଦାଃ ବିନ୍ ନୋମାନ୍‌ଙ୍କ ଘର ଭିତରେ କୌଣସି ଚୋର ବା କ୍ଷତିକାରୀ ଜୀବ ଲୁଚି ରହିଛି । ତେଣୁ ହଜୁର ସ:ଆ:ସ ହଜ୍‌ରତ୍ କତାଦାଃ ବିନ୍ ନୋମାନ୍‌ଙ୍କୁ ସେହି ବିପଦ ବିଷୟରେ ସୁଚନା ଦେଇ ପରାମର୍ଶ ଦେଇଥିଲେ ଯେ ଯେବେ ତୁମେ ଘରେ ପହଂଚିବ ସେ ଏହି ବାଡ଼ି ସାହାଯ୍ୟରେ ସେହି ଚୋର ବା କ୍ଷତିକାରକ ଜୀବକୁ ମାରି ଘଉଡ଼ାଇ ଦେବ । ଅତଏବ ଅନ୍ୟ କେତେକ ପୁସ୍ତକରେ ଏହି ଘଟଣାର ବ୍ୟାଖ୍ୟାରେ ଏକଥା ମଧ୍ୟ ବର୍ଣ୍ଣନା ହୋଇଅଛି ଯେ ଯେବେ ହଜ୍‌ରତ୍ କତାଦାଃ ବିନ୍ ନୋମାନ୍ ର:ଅ ନିଜ ଘରେ ପହଂଚିଲେ, ସେତେବେଳେ ଘରର ଲୋକମାନେ ସମସ୍ତେ ଶୋଇପଡ଼ିଥିଲେ ଘରର କୋଣରେ ଗୋଟିଏ ସିହା (ଅର୍ଥାତ ଝିଙ୍କ ପରି ଜୀବ ଯାହାର ଦିହ ସାରା କଂଟା ଥିଲା) ଲୁଚି ରହିଥିଲା, ଯାହାକୁ ସେ ସେହି ବାଡ଼ି ସାହାଯ୍ୟରେ ପିଟି ଘଉଡ଼ାଇ ଦେଲେ ।

**ପ୍ରଶ୍ନ- ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ଜାଣିବାକୁ ଚାହିଁଲେ ଯେ ବେପାର ବଣିଜରେ ବିଭିନ୍ନ ପ୍ରକାରର ଲାଭ ଅର୍ଜନ କରିବା ଏବଂ ଦୁର୍ଘଟଣା ଜନିତ କ୍ଷତିରୁ ରକ୍ଷା ପାଇବା ପାଇଁ ଇନ୍‌ସ୍ୟୁରାନ୍ସ କରିବା ସମ୍ବନ୍ଧରେ ଇସ୍‌ଲାମ୍‌ର କ'ଣ ନିର୍ଦ୍ଦେଶ ରହିଛି ?** ଏହାର ଉତର ହଜୁର ଅନଓ୍ୱର ଅ:ବ:ଅ ନିଜର ଲିଖିତ ଚିଠି ୧୧ ଏପ୍ରିଲ୍ ୨୦୧୬ ମସିହାରେ ଦେଇଥିଲେ । ନିମ୍ନରେ ତାହା ପେଶ୍ କରାଗଲା ।

**ଉତର:-** ହଜୁର ଅନଓ୍ୱର ଅ:ବ:ଅ କହିଲେ:- ସେହି ଇନ୍‌ସ୍ୟୁରାନ୍ସର ବୈଧ ଅଟେ ଯେଉଁ ଇନ୍‌ସ୍ୟୁରାନ୍ସ ଦ୍ୱାରା ମିଳୁଥିବା ଅର୍ଥରାଶି ଲାଭ ଓ କ୍ଷତି ଉଭୟର ସର୍ତ ରହିଥିବ ଓ ସେଥିରେ ଜୁଆ ଖେଳ ପରି ସର୍ତ ନଥିବ । ଯଦି କେବଳ ଲାଭ ହିଁ ଲାଭ ମିଳିବ ତାହେଲେ ତାହାର ସ୍ୱରୁପ ସୁଧ ପରି ହୋଇଯାଏ, ସେଥିଯୋଗୁଁ ତାହା ମନା ଅଛି ।

ସେହିପରି ଯଦି ପଲିସି ହୋଲ୍‌ଡ଼ର କମ୍ପାନୀ ସହିତ ଏପରି ଚୁକ୍ତି କରିନେବ ଯେ ସେ କେକବଳ ନିଜର ଜମା ପୁଞ୍ଜିକୁ ହାସଲ କରିବ ଓ ତା' ଉପରେ ସୁଧ ନେବ ନାହିଁ, ତା'ହେଲେ ଏପରି ଇନ୍‌ସ୍ୟୁରାନ୍ସ କରିବାରେ କୌଣସି କ୍ଷତି ନାହିଁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଇନ୍‌ସ୍ୟୁରାନ୍ସ ଓ ବିମା ସମ୍ବନ୍ଧରେ କହିଲେ: ''ସୁଧ ଏବଂ ଜୁଆକୁ ଅଲଗା କରି ଅନ୍ୟାନ୍ୟ ଚୁକ୍ତି ଓ ଦାୟିତ୍ୱ ଗୁଡ଼ିକୁ ଶରିୟତ୍ ଠିକ୍ ବୋଲି ବିବେଚନା କରିଛି । ଜୁଆରେ କୌଣସି ଦାୟିତ୍ୱ ବୋଧ ରହେନାହିଁ । ଦୁନିଆର ବ୍ୟବସାୟ ଦାୟିତ୍ୱର ଆବଶ୍ୟକ କରିଥାଏ ।''

*(ଅଖ୍‌ବାର ବଦର୍ ନଂ-୧୦, ଖଣ୍ଡ-୨, ୨୭ ମାର୍ଚ୍ଚ ୧୯୦୩, ପୃ-୭୬)*

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ) ର:ଅ ନିଜର ଏକ ବକ୍ତବ୍ୟରେ କହିଛନ୍ତି:-''ଯଦି କୌଣସି କମ୍ପାନୀ ଏ ସର୍ତ ଧାର୍ଯ୍ୟ କରେ ଯେ ବିମା କରିଥିବା ଲୋକଟି କମ୍ପାନୀର ଲାଭ ଓ କ୍ଷତିରେ ଅଂଶିଦାର ହେବ ତା'ହେଲେ ଏପରି ବିମା କରିବାରେ କିଛି ଅସୁବିଧା ନାହିଁ ।'' *(ଅଲ୍‌ଫଜଲ୍ ୭ ଜାନୁୟାରୀ ୧୯୩୦)*

''ଗୋଟିଏ ଚିଠିର ଉତର ଦେଇ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଲେଖିଛନ୍ତି ଯେ ଏକଥା ଠିକ୍ ନୁହେଁ ଯେ ଆମେ ଇନ୍‌ସ୍ୟୁରାନ୍ସକୁ ସୁଧ ସହିତ ମିଶିଥିବା ଯୋଗୁଁ ଅବୈଧ ଘୋଷଣା କରୁଅଛୁ । ଅତ୍ୟନ୍ତ ପକ୍ଷେ ମୁଁ ତ' କେବଳ ଏହି କାରଣ ଯୋଗୁଁ ଅବୈଧ ଘୋଷଣା କରୁନାହିଁ । ଏହାର ଅବୈଧ ହେବା ପାଇଁ ବହୁତ ଗୁଡ଼ିଏ କାରଣ ରହିଛି । ସେଥି ମଧ୍ୟରୁ ଗୋଟିଏ ହେଉଛି ଏହା କି ଇନ୍‌ସ୍ୟୁରାନ୍ସ ବ୍ୟବସାୟର ମୂଳଦୁଆ ସୁଧ ଉପରେ ଛିଡ଼ା ହୋଇଛି । କୌଣସି ଜିନିଷର ଆଧାର ସୁଧ ଉପରେ ଛିଡ଼ା ହେବା ଓ କୌଣସି ଜିନିଷ ସୁଧର ମିଶ୍ରଣ ହେବା ମଧ୍ୟରେ ବହୁତ ବଡ଼ ଅନ୍ତର ରହିଛି । ସରକାରୀ କାନୁନ୍ ମୁତାବକ କୌଣସି ଇନ୍‌ସ୍ୟୁରାନ୍ସ କମ୍ପାନୀ ସେ ପର୍ଯ୍ୟନ୍ତ ଦେଶରେ ଜାରି ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ଏକ ଲକ୍ଷର ସିକ୍ୟୁରିଟି ସରକାର ନ କିଣିଛନ୍ତି । ସୁତରାଂ ଏହି ସ୍ଥଳେ ମିଶ୍ରଣ ପ୍ରଶ୍ନ ଉଠୁନାହିଁ ବରଂ ନିଶ୍ଚିତ ଆବଶ୍ୟକତାର ପ୍ରଶ୍ନ ରହିଛି ।

(୨) ଦ୍ୱିତୀୟରେ ଇନ୍‌ସ୍ୟୁରାନ୍ସ ନୀତି ହେଉଛି ସୁଧ । କାରଣ ଇସ୍‌ଲାମିକ ଶରିୟତ୍ ମୁତାବକ ଇସ୍‌ଲାମୀୟ ନିୟମ ହେଉଛି ଏହା କି ଯଦି ଜଣେ କୌଣସି ଲୋକକୁ କିଛି ଅର୍ଥ ଦେଇଥାଏ ତା'ହେଲେ ତାହା ଉପହାର ହୋଇଥିବ ବା ଅମାନତ୍ ବା ଅଂଶଧନ ବା କରଜ ହୋଇଥାଏ । ତେଣୁ ଏଠାରେ ବିମା ଉପହାର ନୁହେଁ, ଅମାନତ୍ ମଧ୍ୟ ନୁହେଁ କାରଣ ଅମାନତ୍‌ରେ ବୃଦ୍ଧି ଓ ହ୍ରାସ ହୋଇପାରିବ ନାହିଁ । ଏହା ଅଂଶଧନ ବି ନୁହେଁ କାରଣ କମ୍ପାନୀର ଲାଭ କ୍ଷତିର ଦାୟିତ୍ୱ ଓ ତାହାକୁ ଚଳାଇବାର ଅଧିକାରରେ ପଲିସି ହୋଲ୍‌ଡ଼ର ସାମିଲ ହୋଇନଥାଏ । ଆମେ ଏହାକୁ କରଜ ରୂପେ ଅଭିହିତ କରିପାରିବା । ବାସ୍ତବରେ ଏହା କରଜ ହିଁ ହୋଇଥାଏ କାରଣ ଏହି ଟଙ୍କାକୁ ଇନ୍‌ସ୍ୟୁରାନ୍ସ କମ୍ପାନୀ ନିଜ ସଂଗଠନ ଓ ନିଜ ଇଚ୍ଛା ଅନୁସାରେ କାମରେ ଲଗାଇଥାଏ । ଏହି କାମରେ କ୍ଷତି ହେବା ଯୋଗୁଁ ଟଙ୍କା ଦେଇଥିବା ଲୋକ ଉପରେ କୌଣସି ଦାୟିତ୍ୱ ରହିନଥାଏ । ତେଣୁ ଏହା ହେଉଛି କରଜ ଏବଂ ଏହି କରଜ ପ୍ରତିବଦଳରେ ଯଦି ସମୟ ପୂର୍ବରୁ ଚୁକ୍ତି ଅନ୍ତର୍ଗତ କୌଣସି ଲାଭ ହାସଲ ହୁଏ ତା'ହେଲେ ଶରିୟତ୍ ଅନୁସାରେ ତାକୁ ସୁଧ କୁହାଯିବ । ତେଣୁ ଇନ୍‌ସ୍ୟୁରାନ୍ସ (ବୀମା)ର ଆଧାର ହିଁ ସୁଧ ଉପରେ ପର୍ଯ୍ୟବେଶିତ ।

(୩) ତୃତୀୟରେ ଇନ୍‌ସ୍ୟୁରାନ୍ସର ନୀତି, ଏହି ସମସ୍ତ ନୀତି ଯାହା ଉପରେ ଇସ୍‌ଲାମୀୟ ସୋସାଇଟିର ଆଧାର ରଖିବାକୁ ଚାହୁଁଛନ୍ତି, ତାହାକୁ ଇସ୍‌ଲାମ୍ ଖଣ୍ଡନ କରୁଅଛି । ଇନ୍‌ସ୍ୟୁରାନ୍ସକୁ ସମ୍ପୂର୍ଣ୍ଣ ରୂପେ ପ୍ରଚଳନ କରିଦେବା ପରେ ପାରସ୍ପରିକ ସହଯୋଗ, ସହାନୁଭୂତି ଏବଂ ଭାଇଚାରା ଏ ଦୁନିଆରୁ ଉଠିଯାଏ'' *(ଅଖ୍‌ବାର୍ ଅଲ୍‌ଫଜଲ୍ କାଦିଆନ୍ ୧୮ ସେପ୍ଟେମ୍ବର ୧୯୩୪, ପୃ-୫)*

କେତେକ ଦେଶରେ ସରକାରୀ ନିୟମ ଅନ୍ତର୍ଗତ ବିମା କରିବା ଜରୁରୀ ହୋଇଥାଏ । ତେଣୁ ଏପରି ଇନ୍‌ସ୍ୟୁରାନ୍ସ କରିବା ବୈଧ ଅଟେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କୁ ଜଣେ ବନ୍ଧୁ ୨୫ ଜୁନ୍ ୧୯୪୨ ମସିହାରେ ପ୍ରଶ୍ନ କଲେ ଯେ ୟୁ.ପି ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ ଯାହା ନିକଟରେ କୌଣସି ଗାଡ଼ି ଅଛି, ସେ ତାହାର ବିମା କରାନ୍ତୁ । କ'ଣ ଏହା ଠିକ୍ ?

ହଜୁର କହିଲେ: '' ଏ ସମ୍ବନ୍ଧରେ ଏହା ମନେ ରଖିବା ଉଚିତ ଯେ ଏହି ନିର୍ଦ୍ଦେଶ କେବଳ ୟୁପି ସରକାରଙ୍କର ନୁହେଁ ବରଂ ପଞ୍ଜାବରେ ମଧ୍ୟ ସରକାରଙ୍କର ଏହି ନିର୍ଦ୍ଦେଶ ରହିଛି । ଏହି ବିମା ଯେହେତୁ କାନୁନ୍ ଅନ୍ତର୍ଗତ କରାଯାଉଛି ଏବଂ ସରକାର ଏହାକୁ ବାଧ୍ୟତାମୂଳକ ଘୋଷଣା କରିଛନ୍ତି ତେଣୁ କୌଣସି ବ୍ୟକ୍ତିଗତ ଲାଭ ପାଇଁ ନୁହେଁ ବରଂ ସରକାରଙ୍କ ଆଦେଶ ହେତୁ ଏହି ବୀମା ବୈଧ ଅଟେ ।'' *(ଅଲ୍‌ଫଜଲ୍ ୪ ଜାନୁୟାରୀ ୧୯୬୧, ପ୍ରଦତ ୨୫ ଜୁନ୍ ୧୯୪୨)*

ଇନ୍‌ସ୍ୟୁରାନ୍ସ ସମ୍ବନ୍ଧରେ ମଜ୍‌ଲିସ୍ ଇଫ୍‌ତା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ସାଲିସ୍ (ତୃତୀୟ) ରହେମୁଲ୍ଲାଃ ତାଲାଙ୍କ ଗୋଚରେ ଗୋଟିଏ ସୁପାରିଶ୍ ଉପସ୍ଥାପନ କଲେ । ଯାହାକୁ ହଜୁର ୨୩ ଜୁନ୍ ୧୯୮୦ ମସିହା ରେ ମଞ୍ଜୁର୍ କଲେ । ''ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ) ର:ଅଙ୍କ ଫତଓ୍ୱା ମୁତାବକ ଯେପର୍ଯ୍ୟନ୍ତ ଚୁକ୍ତିନାମା (Bond) ସୁଧ ଓ ଜୁଆ ମୁକ୍ତ ନ ହୋଇଛି ସେ ପର୍ଯ୍ୟନ୍ତ ବୀମା କମ୍ପାନୀମାନଙ୍କଠାରୁ କୌଣସି ପ୍ରକାରର ବୀମା କରିବା ଉଚିତ ନୁହେଁ । ଏହି ଫତ୍‌ଓ୍ୱା ସ୍ଥାୟୀ ଓ ଅପରିବର୍ତନଶୀଳ । ତଥାପି ଏ ବିଷୟ ସମୟ ସମୟରେ ଅନୁସନ୍ଧାନ କରାଯାଇପାରେ ଯେ ବୀମା କମ୍ପାନୀଗୁଡ଼ିକ ନିଜର ନିୟମକାନୁନ୍ ଓ ପ୍ରକ୍ରିୟାରେ ପରିବର୍ତନ କରିବା ଯୋଗୁଁ ଜୁଆ ଓ ସୁଧ ଉପାଦନାରୁ କେତେ ପରିମାଣରେ ମୁକ୍ତ ହୋଇ ସାରିଛନ୍ତି ।

ମଜ୍‌ଲିସ୍ ଇଫ୍‌ତା ଏହି ପରିପ୍ରେକ୍ଷୀରେ ବୀମା କମ୍ପାନୀ ଗୁଡ଼ିକର ସାମ୍ପ୍ରତିକ ନିୟମ କାନୁନ ଉପରେ ଦୃଷ୍ଟି ଦେଇ ଏକଥାରେ ଉପନିତ ହୋଇଛି ଯେ ଯଦିଚ ବର୍ତମାନର ବିଶ୍ୱ ଆର୍ଥିକ ବ୍ୟବସ୍ଥା ଯୋଗୁଁ କୌଣସି କମ୍ପାନୀ ପାଇଁ ଏହା ସମ୍ଭବ ନୁହେଁ ଯେ ସେ ନିଜ ବ୍ୟବସାୟରେ ସମ୍ପୁର୍ଣ୍ଣ ରୂପେ ସୁଧରୁ ନିଜକୁ ବଂଚାଇ ପାରୁଥିବ । କିନ୍ତୁ ଏବେ କମ୍ପାନୀ ଓ ପଲିସି ହୋଲ୍‌ଡ଼ରଙ୍କ ମଧ୍ୟରେ ଏପରି ଚୁକ୍ତିନାମା କରାଯିବା ସମ୍ଭବ ଯାହା ସୁଧ ଓ ଜୁଆ ଉପାଦାନରୁ ପବିତ୍ର ଅଟେ । ତେଣୁ ଏହି ସର୍ତ ଅନୁସାରେ ବୀମା କରିଲେ କିଛି ଅସୁବିଧା ନାହିଁ ଯେ ବୀମା କରିଥିବା ବ୍ୟକ୍ତି କମ୍ପାନୀଠାରୁ ନିଜର ଜମା ପୁଞ୍ଜି ଅର୍ଥ ଉପରେ କୌଣସି ସୁଧ ଅସୁଲ ନ କରୁ ।''

***(ରଜିଷ୍ଟାର ଫଇସଲାଜାତ୍ ମଜ୍‌ଲିସ୍ ଇଫ୍‌ତାଅ ପୃ-୬୦ ଗଏର୍ ମୁତ୍‌ବିଆ)***

ପ୍ରଶ୍ନ-ନିଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା ରବୁଓ୍ୱା ହଦିସ୍‌ର ପୁସ୍ତକଗୁଡ଼ିକରେ ବର୍ଣ୍ଣିତ ନିଜ ସନ୍ତାନମାନଙ୍କ ପାଇଁ ବାପାଙ୍କର ଦୁଆ ଓ ସନ୍ତାନମାନଙ୍କ ପାଇଁ ବଦ୍‌ଦୁଆ (ଅଭିଷାପ), ଉଭୟ କୁବୁଲ୍ (ଗ୍ରହଣୀୟ) ହେବା ସମ୍ବନ୍ଧରେ ରିଓ୍ୱାୟାତ୍ ଏବଂ ସେ ସବୁର ଆରବୀ ବାକ୍ୟର ବିଭିନ୍ନ ଶବ୍ଦ କୋଷରେ କରାଯାଇଥିବା ବ୍ୟାଖ୍ୟାକୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ପେଶ୍ କରି ମାର୍ଗଦର୍ଶନ ଚାହିଲେ ଯେ ଏମାନଙ୍କ ମଧ୍ୟରୁ କେଉଁ ରିଓ୍ୱାୟତ ଓ କେଉଁ ଅନୁବାଦକୁ ଗ୍ରହଣ କରାଯିବା ଉଚିତ ? ହଜୁର ଅନଓ୍ୱର ଅ:ବ:ଅ ନିଜ ଚିଠି ଲିଖିତ ୨୫ ଫେବୃୟାରୀ ୨୦୧୫ ରେ ଉକ୍ତ ପ୍ରଶ୍ନର ନିମ୍ନଲିଖିତ ଉତର ପ୍ରଦାନ କରିଛନ୍ତି ।

**ଉତର:-** ଯଦି ''ବାପାଙ୍କର ନିଜ ସନ୍ତାନମାନଙ୍କ ପାଇଁ ଦୁଆ''କୁ ଅନୁବାଦ କରିଦିଆଯାଏ । ତା'ହେଲେ ହଦିସ୍‌ର ଅନୁବାଦ ସ୍ପଷ୍ଟ ହୋଇଯାଉଛି । କିନ୍ତୁ ହଦିସ୍ ପୁସ୍ତକଗୁଡ଼ିକରେ ବର୍ଣ୍ଣିତ ଦୁଇପ୍ରକାରର ହଦିସ୍ ନିଜ ନିଜର ସ୍ଥାନରେ ଠିକ୍ ଅଛନ୍ତି ଓ ଆମର ମାର୍ଗଦର୍ଶନ କରୁଛନ୍ତି । ଦୁଇଟି ଯାକ ହଦିସ୍‌କୁ ସାମନାରେ ରଖିଲେ ବିଷୟବସ୍ତୁ ଏହା ହେବ ଯେ ଯେଉଁ ଲୋକର ଦୁଆ (ପ୍ରାର୍ଥନା) ଗ୍ରହଣ ହେବା ଯୋଗ୍ୟ ହୋଇଥାଏ ତାହାର ବଦ୍‌ଦୁଆ (ଅଭିଷାପ) ବି ଗ୍ରହଣୀୟ ହୋଇପାରେ । ଅଲ୍ଲାଃ ତାଲା କେବଳ ଏହା ତ' କହିନାହାନ୍ତି ଯେ ମୁଁ ଦୁଆ ଗ୍ରହଣ କରିବି ଓ ବଦ୍‌ଦୁଆକୁ ଗ୍ରହଣ କରିବି ନାହିଁ ।

ବାପାଙ୍କୁ ଅଲ୍ଲାଃ ତାଲା ଯେଉଁ ସ୍ଥାନ/ପଦମର୍ଯ୍ୟାଦା ପ୍ରଦାନ କରିଛନ୍ତି ତା' ମୁତାବକ ଅଲ୍ଲାଃ ତାଲା ତାହାଙ୍କ ଦୁଆକୁ ଗ୍ରହଣ କରିଥାନ୍ତି ଓ ବଦ୍‌ଦୁଆ ମଧ୍ୟ ଶୁଣିଥାନ୍ତି । ସେଥିଯୋଗୁଁ ଅଲ୍ଲାଃ ତାଲା ଏହା କହିଛନ୍ତି:- **ଓ୍ୱକଜା ରବ୍‌ବୁକା ଅଲ୍ଲାଃ ତାବୁଦୁ ଇଲ୍ଲା ଇୟାହୁ ଓ୍ୱବିଲ୍ ଓ୍ୱାଲିଦୈନେ ଏହ୍‌ସାନା .............. କମା ରବ୍‌ବାୟାନି ସଗୀରା (ବନି ଇସ୍ରାଇଲ୍: ୨୪-୨୫)**

ଅନୁବାଦ:- ୨୪. ତୁମ୍ଭ ପାଳନକର୍ତା (ଏ ବିଷୟରେ) ଚେତାବନୀ ପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କରନାହିଁ, ଏବଂ ପିତାମାତାଙ୍କ ସହିତ ଉତମ ବ୍ୟବହାର କର; ଯଦି ତୁମ ଜୀବିତାବସ୍ଥାରେ ସେ ଦୁଇଜଣଙ୍କ ମଧ୍ୟରୁ ଜଣଙ୍କର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ, ତେବେ ସେମାନଙ୍କ ପ୍ରତି (ସେମାନଙ୍କ କୌଣସି କଥାରେ ଅସନ୍ତୋଷ ପ୍ରକାଶ କରି) କୌଣସି କଟୁ ମନ୍ତବ୍ୟ ପ୍ରକାଶ କର ନାହିଁ କି ସେମାନଙ୍କୁ ଭର୍ତ୍ସନା କରନାହିଁ ଓ ସେମାନଙ୍କ ସହ (ସର୍ବଦା) କୋମଳ ବଚନରେ କଥାବାର୍ତା କର ।

୨୫. ଏବଂ ଦୟାପରବଶ ହୋଇ ସେମାନଙ୍କ ସମ୍ମୁଖରେ ବିନୀତ ମନୋଭାବ ପୋଷଣ କର, ଏବଂ (ସେମାନଙ୍କ ପାଇଁ ପ୍ରାର୍ଥନା-ପୂର୍ବକ) କୁହ, ''ହେ ମୋର ପାଳନକର୍ତା ! ସେମାନଙ୍କ ପ୍ରତି କରୁଣା ପ୍ରଦାନ କର, କାରଣ ସେମାନେ ମୋର ଶୈଶବାବସ୍ଥାରେ ଲାଳନ ପାଳନ କରିଥିଲେ'' ।

ଅତଏବ୍ ସେହି ହଦିସ୍‌ଗୁଡ଼ିକରେ ହଜୁର ସ:ଆ:ସ ଆମକୁ ଏ ଉପଦେଶ ଦେଇଛନ୍ତି ଯେ ବାପାଙ୍କ ଦୁଆରୁ ଲାଭ ଉଠାଅ ଏବଂ ତାଙ୍କ ବଦ୍‌ଦୁଆ (ଅଭିଷାପ)ରୁ ବଂଚ ।

**ପ୍ରଶ୍ନ:- ଗୁଲ୍‌ଶନେ ଓ୍ୱକ୍‌ଫେ ନୌ ଲଜ୍‌ନା ଏବଂ ନାସିରାତ୍ ମେଲ୍‌ବର୍ଣ୍ଣ ଅଷ୍ଟ୍ରେଲିୟା ୧୨ ଅକ୍ଟୋବର ୨୦୧୩ରେ ଗୋଟିଏ ଝିଅ ପିଲା ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ଜାଣିବାକୁ ଚାହିଁଲା ଯେ ଆମକୁ ଅଲ୍ଲାଃ ତାଲା କାହିଁକି ଦିଶୁନାହାନ୍ତି ?** ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ଉତର ପ୍ରଦାନ କଲେ । ହଜୁର କହିଲେ:-

**ଉତର:-** ଅଲ୍ଲାଃ ତାଲା ଏପରି ଅସ୍ତିତ୍ୱ ଯିଏ ଆଖିକୁ ଦିଶନ୍ତି ନାହିଁ । (ହଜୁର ଅନଓ୍ୱର ଅ:ବ:ଅ ପ୍ରଶ୍ନ କରିଥିବା ଝିଅଟିକୁ ଚାହିଁ ଛାତରେ ଲାଗିଥିବା ବଲ୍‌ବ ଆଡ଼କୁ ଇସାରା କରି କହିଲେ) ତୁମେ ଏହି ବଲ୍‌ବଟିକୁ ଦେଖିପାରୁଛ ? ଏବଂ ବଲ୍‌ବର ଆଲୋକ (ହଜୁର ଅନଓ୍ୱର ଅ:ବ:ଅ ନିଜ ସମ୍ମୁଖରେ ରଖାଯାଇଥିବା ମେଜ ଆଡ଼କୁ ଇସାରା କରି କହିଲେ) ଏଠାରେ ପଡ଼ିବାର ଦେଖାଯାଉଅଛି । ଏହି ଆଲୋକ କିପରି ଏହି ମଜେ୍ ଉପରକୁ ଚାଲି ଆସୁଛି ? କ'ଣ ତୁମକୁ ଏହି ଆଲୋକ ସେଠାରୁ ଏପର୍ଯ୍ୟନ୍ତ ଆସିବାର ଦିଶୁଅଛି କି ? (ହଜୁର ଅନଓ୍ୱର ଅ:ବ:ଅ ପୂର୍ନବାର ପିଲାଟିକୁ ପଚାରିଲେ) ସେହି ବଲ୍‌ବଟିର ଆଲୋକ ଚମକୁଛି ଏବଂ ଏଠାରେ (ମେଜ ଉପରେ) ତା'ର ଆଲୋକ ପଡ଼ିଗଲା । କିନ୍ତୁ ମଝିରେ ଥିବା ଦୂରତା ମଧ୍ୟରେ କୌଣସି ବସ୍ତୁ ଦେଖାଯିବା ଉଚିତ ଯାହା ସେଠାରୁ ବାହାରି ଏଠାରେ ପହଂଚିଗଲା । କ'ଣ ମଝିରେ କିଛି ଦିଶୁଛି ? (ପିଲାଟି କହିଲା ଯେ କିଛି ଦିଶୁନାହିଁ । ହଜୁର ଅନଓ୍ୱର ଅ:ବ:ଅ କହିଲେ) କିଛି ଦିଶୁନାହିଁ ନା ? ତା'ହେଲେ ଅଲ୍ଲାଃ ତାଲା ଯିଏ ଏହି ଆଲୋକଠାରୁ ମଧ୍ୟ ଅଧିକା ଆଲୋକିତ, ଓ ତାହାଙ୍କ ଆଲୋକ ଏପରି ଆଲୋକ ଯାହା ଦିଶେ ନାହିଁ । ହଁ ଅଲ୍ଲାଃ ତାଲାଙ୍କ କୁଦରତ୍ (ଅର୍ଥାତ ଶକ୍ତି ଓ ପ୍ରକୃତି) ଦୃଶ୍ୟମାନ ହୋଇଥାଏ । କେବେ ତୁମେ ଦୁଆ କରିଥିବ ଓ ତୁମର ଦୁଆ କୁବୁଲ୍ (ଗ୍ରହଣୀୟ) ହୋଇଛଇ ? ତୁମେ ଅଲ୍ଲାଃଙ୍କ ନିକଟରେ କେବେ ଦୁଆ କରିଛ ? ତାହା ପୂରଣ ହୋଇଛି ? (ପିଲାଟି ଉତର ଦେଲା ଯେ ହଁ ପୂରଣ ହୋଇଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ) ଅତଃ ଏହା ହିଁ ଅଲ୍ଲାଃ ତାଲାଙ୍କୁ ଦେଖିବା ଅଟେ । ଅଲ୍ଲାଃ ପବିତ୍ର କୁର୍‌ଆନ୍‌ରେ କହିଛନ୍ତି ଯେ ଏ ପୃଥିବୀ, Planet, Universe, ପୁଣି ଏଠାରେ ସମସ୍ତ Creation, ବୃକ୍ଷଲତା ଏବଂ ସବୁଜଲତା ଅଛି । ଅଷ୍ଟ୍ରେଲିଆ Flora & Faura ର ବହତୁ ପ୍ରଶିଦ୍ଧ ସ୍ଥାନ ବୋଲାଇଥାଏ । ଏହି ସମସ୍ତ ଜିନିଷ ଅଲ୍ଲାଃ ତାଲାଙ୍କ ଦ୍ୱାରା ସୃଷ୍ଟି ହୋଇଛି । ପ୍ରତ୍ୟେକ ବସ୍ତୁରୁ ଦେଖନ୍ତୁ । ଏଠାରେ ଗୋଟିଏ Plant ଦେଖାଯାଏ । କୁହାଯାଏ ଯଦି Plant ରେ ପତ୍ର ନଥିବ ତା'ହେଲେ ଯେଉଁ chlorophyll ଥାଏ ତା ସହିତ Plant ର ଜୀବନ ଜଡ଼ିତ । ପତ୍ର ନିଜ ନିଜର role play କରିଥାନ୍ତି । କିନ୍ତୁ ମୁଁ ଏଠାରେ ଏପରି plants ମଧ୍ୟ ଦେଖିବାକୁ ପାଇଲି ଯାହା କେବଳ ଗୋଟିଏ stick (ବାଡ଼ି) ସଦୃଶ । ସେହି stem ଟି ପତ୍ରର ମଧ୍ୟ କାର୍ଯ୍ୟ କରିଥାଏ । ସେହି stick ର top ଉପରେ ଗୋଟିଏ ବହୁତ ବଡ଼ ସୁନ୍ଦର ରଙ୍ଗିନ ଫୁଲ ଫୁଟୁଛି । ଏହା ବି ଅଲ୍ଲାଃଙ୍କ କୁଦ୍‌ରତ୍ (ପ୍ରକୃତି) । ଅଲ୍ଲାଃ ତାଲା ଯାହା ସବୁ ତିଆରି କରିଛନ୍ତି, ତାହା ସବୁ ଦେଖ ଓ ତା' ଉପରେ ଚିନ୍ତା ବିଚାର କର, ସେଠାରେ ହିଁ ଅଲ୍ଲାଃ ତାଲା ନଜର ଆସିଥାନ୍ତି ।

**ପ୍ରଶ୍ନ:- ଗୁଲ୍‌ଶନେ ଓ୍ୱକ୍‌ଫେ ନୌ ଲଜ୍‌ନା ଓ୍ୱ ନାସିରାତ୍ ମେଲ୍‌ବର୍ଣ୍ଣ ଅଷ୍ଟ୍ରେଲିଆ ୨୦୧୩ ମସିହା ଅକ୍ଟୋବର ୧୨ ତାରିଖ ଦିନ ଲଜ୍‌ନା ଇମାଇଲ୍ଲାର ଜଣେ ସଦସ୍ୟା ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ଜାଣିବାକୁ ଚାହିଁଲେ ଯେ ଓ୍ୱାକିଫାତେ ନୌ ଲଜ୍‌ନାଙ୍କର ଯେବେ ବିବାହ ହୋଇଥାଏ, ଆମ ଉପରେ ଘରର, ଫ୍ୟାମିଲିର, ପିଲାମାନଙ୍କର କିଛି ଦାୟିତ୍ୱ ରହିଛି, ତେବେ ସେତେବେଳେ ଆମେ ନିଜ ଓ୍ୱକ୍‌ଫେ ନୌ ହେବାର ଦାୟିତ୍ୱ ସଠିକ୍ ଭାବରେ କିପରି ନିର୍ବାହ କରିପାରିବୁ ?** ହଜୁର ଅନଓ୍ୱର ଅ:ବ:ଅ ଏହାର ଉତର ନିମ୍ନ ଲିଖିତ ଶବ୍ଦରେ ପ୍ରଦାନ କଲେ । ହଜୁର କହିଲେ:

**ଉତର:-** ଓ୍ୱକ୍‌ଫେ ନୌ ହେବାର role (ଦାୟିତ୍ୱ) ସଠିକ ଭାବରେ ନିର୍ବାହ କରିବା ପାଇଁ ପ୍ରଥମେ ପାଂଚବେଳା ଫର୍ଜ (ଧାର୍ଯ୍ୟ କରାଯାଇଥିବା) ନମାଜ ଠିକ୍ ଭାବରେ ପଢ଼ନ୍ତୁ । ଯଦି ତହଜ୍ଜୁଦ୍ ନମାଜ ପଢ଼ିପାରିବେ ତେବେ ନିଶ୍ଚୟ ପଢ଼ନ୍ତୁ । ପବିତ୍ର କୁର୍‌ଆନ୍ ପଢ଼ ଓ ତାହାର ଅନୁବାଦ ପଢ଼ନ୍ତୁ । ଯଦି ଲଜ୍‌ନାର କିଛି କାମ ତୁମ ଉପରେ ନ୍ୟସ୍ତ କରାଯାଇଥିବ ତେବେ ଯଥାସମ୍ଭବ ତାହା କରନ୍ତୁ । ପୁଣି ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ଏହା କି ପିଲାମାନଙ୍କର ତର୍‌ବିୟତ୍ (ପ୍ରଶିକ୍ଷଣ) ଏପରି କରନ୍ତୁ ଯେମିତି ସେମାନଙ୍କର ସମ୍ପର୍କ ଅଲ୍ଲାଃ ତାଲାଙ୍କ ସହିତ ଯୋଡ଼ି ହୋଇଯିବ । ସ୍ୱାମୀଙ୍କୁ ଏହା realise କରାନ୍ତୁ ଯେ ମୁଁ ଓ୍ୱକ୍‌ଫେ ନୌ ଅଟେ ଏବଂ ମୋର କାମ ହେଉଛି ଏହା କି ନିଜର ତର୍‌ବିୟତ କରିବା ସହିତ ନିଜ ଘରର ଦର୍‌ବିୟତ୍ କରିବା ଓ ପିଲାମାନଙ୍କର ତର୍‌ବିୟତ କରିବା । ତେଣୁ ତୁମେ ବି ଏଥିରେ ମୋତେ ସାହାଯ୍ୟ କର କାରଣ ଯଦି ବାପା ନିଜର role (ଭୂମିକା) ନିର୍ବାହ ନ କରୁ ଥିବେ ତା'ହେଲେ ପିଲାମାନଙ୍କର ତର୍‌ବିୟତ ଠିକ୍ ଭାବରେ ହୋଇପାରେ ନାହିଁ । ତେଣୁ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ନିଜ ଘରର ଦାୟିତ୍ୱ ଏବଂ ତୁମମାନଙ୍କ ପାଇଁ ଏହା ହିଁ ବଡ଼ ପୂଣ୍ୟ । ହଦିସ୍‌ରେ ଆସୁଛି ଯେ ଜଣେ ମହିଳା ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ଆସିଲେ ଓ କହିଲେ ଯେ ଆମ ସ୍ୱାମୀମାନେ ଜିହାଦ୍ କରିବାପାଇଁ ଯାଉଛନ୍ତି, ରୋଜଗାର କରୁଛନ୍ତି ଏବଂ ଚାନ୍ଦା ବି ଦେଉଛନ୍ତି । ପୁଣି ପୁରୁଷମାନେ ବାହାରେ ଏମିତି ସବୁ କାମ କରୁଛନ୍ତି ଯାହାକୁ ଆମେ ମହିଳାମାନେ ଘରେ ରହି କରିପାରୁନାହାନ୍ତି । ତେଣୁ ଜିହାଦ୍ କରିବାର, ଚାନ୍ଦା ଦେବାର ଯେଉଁ ପୂଣ୍ୟ ରହିଛି, କ'ଣ ତାହା ଆମକୁ ବି ମିଳିବ ? ଆଁ ହଜ୍‌ରତ୍ ସ:ଆ:ସ କହିଲେ ହଁ ମିଳିବ କାରଣ ତୁମେମାନେ ତାଙ୍କ (ଅର୍ଥାତ ସ୍ୱାମୀଙ୍କ)ଘରର ଭଲ ଭାବରେ ଦେଖଭାଲ କରୁଅଛ ଓ ଯତ୍ନ ନେଉଛ, ତାଙ୍କ ପିଲାମାନଙ୍କର ତରବିୟତ୍ କରୁଅଛ । ସେମାନଙ୍କ ଯିବା ପରେ ସେମାନଙ୍କ ଘରର look after କରୁଅଛ ପୁଣି ଏଥିଯୋଗୁଁ ଯେଉଁ ଭଲ ପିଲା (ସନ୍ତାନ) ଜନ୍ମ ହେଉଛନ୍ତି, ତୁମମାନଙ୍କୁ ମଧ୍ୟ ସେତିକି ପୂଣ୍ୟ ମିଳିବ । ପୁଣି ତୁମେମାନେ ଏହା ବରଦାସ୍ତ କରୁଛ ଯେ ନିଜ ନିଜର ସ୍ୱାମୀମାନଙ୍କୁ ଧର୍ମର ସେବା କରିବା ପାଇଁ ପଠାଉଛ । ଯଦି ତୁମର ସ୍ୱାମୀ ସଂସାରର ସେବା କରୁଥାନ୍ତି ଧର୍ମ ସେବା ନ କରୁଥାନ୍ତି, ଏପରି ସ୍ଥଳେ ହଦିସ୍‌ରେ ଏହା ଆସିଛି ଯେ ପତ୍ନୀ (ମହିଳା) ହେଉଛନ୍ତି ନିଜ ଘରର ନିଗ୍ରାନ୍ ଅର୍ଥାତ ନିରୀକ୍ଷଣକାରୀ ଓ ରକ୍ଷକ । ତେଣୁ ଓ୍ୱକ୍‌ଫେ ନୌର ଯେଉଁ କର୍ତବ୍ୟ ଓ ଦାୟିତ୍ୱ ରହିଛି ତାହା ହେଉଛି ଏହା କି ନିଜର ନୂଆ ପିଢ଼ିକୁ ଅହେମଦୀୟତ୍ ଉପରେ ପ୍ରତିଷ୍ଠିତ କରାଅ ଓ ଅଲ୍ଲାଃଙ୍କ ସହିତ ତାଙ୍କର ସମ୍ପର୍କ ଯୋଡ଼ ।

**ପ୍ରଶ୍ନ:- ଗୁଲ୍‌ଶନେ ଓ୍ୱକ୍‌ଫେ ନୌ ଲଜ୍‌ନା ଓ୍ୱ ନାସିରାତ୍ ସିଡ଼ିନି ଅଷ୍ଟ୍ରେଲିୟାର ଗୋଟିଏ ଝିପିଲା ୨୦୧୩ ମସିହା ଅକ୍ଟୋବର ୭ ତାରିଖ ଦିନ ହଜୁର ଅନଓ୍ୱର ଅ:ବ:ଅଙ୍କୁ ପଚାରିଲା ଯେ ଲୋକମାନେ ଇସ୍‌ଲାମ୍ ଏବଂ ଟେରୋରିଜମ୍ (Terrorism) କୁ କାହିଁକି ଏକାଠି କରୁଛନ୍ତି ?** ହଜୁର ଅନଓ୍ୱର ଅ:ବ:ଅ ଏହାର ନିମ୍ନଲିଖିତ ଉତର ପ୍ରଦାନ କଲେ ।

**ଉତର:-** ଏହା ଏଥିଯୋଗୁଁ ଯେ ଆଜିକାଲି ଯେତେ Terrorist ଗ୍ରୁପ ଅଛନ୍ତି ଯେମିତି ଅଲ୍‌କାଏଦା, ତାଲିବାନ୍, ବୋକୋ ହରାମ୍ ଏବଂ ସେହିଭଳି ଅନ୍ୟ ନୂଆ ନୂଆ ସଂଘଠନଗୁଡ଼ିକ ଏଠାରେ ସୃଷ୍ଟି ହେଉଛନ୍ତି, ସେମାନଙ୍କ ମଧ୍ୟରେ ଅଧିକାଂଶ ମୁସଲମାନମାନଙ୍କ ଗ୍ରୁପ ରହିଛି । ତେଣୁ ଲୋକମାନେ ଏହା ଭାବୁଛନ୍ତି ଯେ ବୋଧ ହୁଏ ଇସ୍‌ଲାମ୍ ଏବଂ ଟେରେରିଜମ୍ ଗୋଟିଏ ଜିନିଷ । ଏହି ଭୂଲ ଧାରଣାକୁ ଆମେ ହିଁ ଦୂର କରିବା । ତେଣୁ ଏଠାରେ ବୁକ୍‌ଷ୍ଟଲ୍ ଉପରେ ଗୋଟିଏ ପୁସ୍ତକ ରଖାଯାଇଅଛି ଯାହାର ନା ହେଉଛି Pathway to peace । ଏଥିରେ ମୋର ଭିନ୍ନ ଭିନ୍ନ ଲେକ୍‌ଚର ରହିଛି,

ଯାହା ମୁଁ ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ଦେଇଥିଲି ଯେ ଇସ୍‌ଲାମ୍ ଏବଂ ଟେରୋରିଜମ୍ କୁ ଆପୋଷରେ ମିଶାନ୍ତୁ ନାହିଁ । ଏହା ତ ଅଲଗା ଅଲଗା ଜିନିଷ । ତାହା ସେମାନଙ୍କର vested interest ରହିଛି, ଯାହା ସେମାନେ କରୁଛନ୍ତି । ତୁମେମାନେ ସେହି ପୁସ୍ତକକୁ ଖରିଦ୍ କର (ହଜୁର ଅନୱର ଅ:ବ:ଅ ସେହି ପୁସ୍ତକର ମୂଲ୍ୟ ସମ୍ବନ୍ଧରେ ଜାଣି କହିଲେ ଯେ ଏଠାରେ ଏହାକୁ ମହଙ୍ଗା ବିକ୍ରି କରାଯାଉଛି, ଏହାକୁ ଦୁଇ ଡ଼ଲାରରେ ବିକ୍ରି କରିବା ଉଚିତ । ମୁଁ ଶୁଣୁଛି ପାଂଚ ଡ଼ଲାରରେ ଏହାକୁ ବିକ୍ରିକ କରାଯାଉଛି । ୱକ୍‌ଫେ ନୌ ପିଲାଙ୍କୁ ଦୁଇ ଡ଼ଲାର ମୂଲ୍ୟରେ ଦେବା ଉଚିତ) ହଜୁର କହିଲେ:- ଏହି ପୁସ୍ତକକୁ ଖରିଦ କର ଓ ପଢ଼ । ଏଥିରେ ତୁମକୁ ମୋର ସବୁ ଲେଖା ଓ ଭିନ୍ନ ଭିନ୍ନ ଉତର ମିଳିଯିବ ଯେ ଏପରି ଧାରଣା ଅର୍ଥାତ ଇସ୍‌ଲାମ୍ ଓ ଟେରୋରିଜମ୍ ର ଧାରଣା ଭୂଲ ଅଟେ । ଇସ୍‌ଲାମ୍ ତ ବହୁତ ସୁନ୍ଦର ଶିକ୍ଷା । ଇସ୍‌ଲାମ୍ କେବେ ବି ଯୁଦ୍ଧ କରିବାକୁ ପଦକ୍ଷେପ ନେଇନାହିଁ । ନା କେବେ ବି ଟେରୋରିଜମ୍ କରିଛି । ଯେତେବେଳେ ମକ୍କା ବିଜୟ ହେଲା, ସେତେବେଳେ ଆଁ ହଜ୍ରତ୍ ସ:ଆ:ସ ସମସ୍ତଙ୍କୁ କ୍ଷମା କରିଦେଲେ । ନିଜର ଶତୃଙ୍କୁ ମଧ୍ୟ କ୍ଷମା କରିଦେଲେ । ପବିତ୍ର କୁର୍‌ଆନ୍‌ରେ ଅତ୍ୟାଚାର କରିବାକୁ ମନା କରିଛି । ପବିତ୍ର କୁର୍‌ଆନ୍ ଏ ନିର୍ଦ୍ଦେଶ ଦେଇଛି ଯେ କାହାକୁ ବିନ କାରଣରେ ହତ୍ୟା କରନାହିଁ । ଯଦି ଜଣକୁ ହତ୍ୟା କରିବ, ତେବେ ତାହାର ଅର୍ଥ ଏହା ହେବ ଯେ ତୁମେ ସମଗ୍ର ମାନବ ଜାତିକୁ ହତ୍ୟା କରିଦେଲ । ଏବେ ଦେଖନ୍ତୁ ମୁସଲମାନମାନେ କେଉଁମାନଙ୍କୁ ମାରୁଛନ୍ତି ? ଖ୍ରୀଷ୍ଟିଆନ୍‌ମାନଙ୍କୁ ଅଧିକା ମାରୁନାହାନ୍ତି । ଅଧିକାଂଶ ମୁସଲମାନମାନେ ମୁସଲମାନମାନଙ୍କୁ ହତ୍ୟା କରୁଛନ୍ତି । ପାକିସ୍ତାନ୍‌ରେ ପ୍ରତିଦିନ ଯେଉଁ ଆକ୍ରମଣ ହେଉଅଛି ବା ଇରାକ୍‌ରେ ଶିହା ମୁସଲମାନମାନଙ୍କୁ ହତ୍ୟା କରାଯାଉଅଛି ବା ଶିହାମାନେ ସୁନ୍ନି ମୁସଲମାନମାନଙ୍କୁ ମାରୁଛନ୍ତି ବା ପ୍ରତ୍ୟେକ ସ୍ଥାନରେ ଯେଉଁ Suicide Bombing ହେଉଅଛି ସେଥିରେ ମୁସଲମାନମାନେ ହିଁ ମରୁଛନ୍ତି । ଚର୍ଚ୍ଚ ଉପରେ ଏବେ ତ' ଆକ୍ରମଣ କରାଯାଇଛି, ସେଥିରେ ଶହେ ଦୁଇଶହ ଇସାଇ ଚର୍ଚ୍ଚରେ ମରିଗଲେ । କିନ୍ତୁ ବାକି ସ୍ଥାନରେ ତ' ମୁସଲମାନମାନଙ୍କୁ ମାରୁଛନ୍ତି, ଆମ ଅହେମଦୀମାନଙ୍କୁ ମାରୁଛନ୍ତି । ଏହା ସବୁ ଟେରୋରିଜମ୍‌ର କାର୍ଯ୍ୟ କଳାପ । ଏମାନେ ନିଜେ ହିଁ ଜଣେ ଅନ୍ୟଜଣକୁ ମାରୁଛନ୍ତି । ଏପରି କରିବା ପାଇଁ ଇସ୍‌ଲାମ୍‌ରେ କେଉଁଠି ବି ଅନୁମତି ନାହିଁ । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି ଯେ ତୁମେମାନେ ଆପୋଷରେ, ପରସ୍ପର ମଧ୍ୟରେ ବହୁତ ଦୟା କର । କିନ୍ତୁ ଏମାନେ ତ' ନିଜ ମୁସଲମାନମାନଙ୍କୁ ମାରୁଛନ୍ତି । ଜଣେ ମୁସଲମାନଙ୍କୁ ବିନା କାରଣରେ ମାରିବା ବିଷୟରେ ଅଲ୍ଲାଃ ତାଲା କହିଛନ୍ତି ଯେ ଏଥିଯୋଗୁଁ ମୁଁ ତୁମକୁ ନର୍କରେ (ଅଗ୍ନିରେ) ନିକ୍ଷେପ କରିବି । ତେଣୁ ଏମାନେ ସମସ୍ତେ ଜହନ୍ନମି (ଅର୍ଥାତ ନର୍କଗାମୀ)ହେଉଛନ୍ତି । ଇସ୍‌ଲାମ୍ ଏବଂ ଆତଙ୍କବାଦ ମଧ୍ୟରେ କୌଣସି ସମ୍ପର୍କ ହିଁ ନାହିଁ । ଇସ୍‌ଲାମ୍‌ର ଅଥ ହେଉଛି ଶାନ୍ତି । ତୁମେ ୱାକିଫାତେ ନୌ ପିଲାମାନେ ଏମ୍‌ଟିଏରେ ଜଲ୍‌ସା ସାଲାନ ୟୁକେର ମୋର ଯେଉଁ ଶେଷ ବକ୍ତବ୍ୟ ଥିଲା ତାହା ଶୁଣିଥିବ । ତାହାର ବିଷୟବସ୍ତୁ ଥିଲା ''ଇସ୍‌ଲାମ୍ କ'ଣ ଓ ମୁସଲମାନ କ'ଣ'' । ମୋର ଏହି ବହିକୁ ନେଇ ପଢ଼ । ଏହା ଇଂରାଜୀ ଭାଷାରେ ଅଛି, ତୁମେମାନେ ପଢ଼ିପାରିବ ।

***(ସଂକଳକ- ଜହିର୍ ଅହ୍‌ମଦ୍ ଖାନ୍ ପ୍ରାଇଭେଟ୍ ସେକ୍ରେଟାରୀ କାର୍ଯ୍ୟାଳୟ ଲଣ୍ଡନର ରେକର୍ଡ଼ ବିଭାଗ)***

***(ଅଖ୍‌ବାର ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ୪ ଡ଼ିସେମ୍ବର ୨୦୨୦କୁ ଧନ୍ୟବାଦ)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଯେ, କିପରି ପ୍ରତ୍ୟେକ ମୌଲବୀ ଏକଥା କହୁଛି ଯେ, ଏହା ହେଉଛି ମୋର ଧର୍ମ । ସାଧାରଣ ଲୋକ ଯେତେବେଳେ ଏକଥା କହିଥାଏ ଏହା ହେଉଛି ମୋର ଧର୍ମ ତାହାର ଅର୍ଥ ଏପରି ହୋଇଥାଏ କି ମୁଁ ଏକଥାକୁ ମାନୁଛି ବା ଏହି ଫିର୍କାକୁ ମାନୁଅଛି । କିନ୍ତୁ ସେଠାରେ ଯେତେବେଳେ ଧାର୍ମିକ ନେତା ସାଜି କେହି ଜଣେ ଏକଥା କହୁଛି ଯେ, ମୋର ମଜ୍‌ହବ୍ ହେଉଛି ଏହା ତାହେଲେ ଏହାର ଅର୍ଥ ହେବ ଏହା କି ତୁମେ ମୋ ନିକଟକୁ ଚାଲିଆସ ଓ ଅନ୍ୟ ମୌଲବୀ ମାନଙ୍କୁ ଛାଡ଼ି ଦିଅ । ଏହା ହେଉଛି ମୋର ମସ୍‌ଜିଦ୍ ଏବଂ ଏହା ହେଉଛି ମୋର ଧର୍ମ । ତାହା ତୁମର ମସ୍‌ଜିଦ୍ ଓ ତୁମର ଧର୍ମ ଅଟେ । ପୁଣି ଜଣେ ଅନ୍ୟ ଜଣକୁ ଗାଳି ଦେବା ଆରମ୍ଭ କରିଦେଉଛନ୍ତି ଓ ଏକଥା କହୁଛନ୍ତି ଯେ, ଜଣେ ଅନ୍ୟ ଜଣକ ପଛରେ ନମାଜ ନ ପଢ଼ନ୍ତୁ । ଏମାନେ ପରସ୍ପରକୁ ତ' କାଫିର୍ (ଅବିଶ୍ୱାସକାରୀ) କହୁଛନ୍ତି । କାହାକୁ କାଫିର୍ କହିବା କାହାର ଅଧିକାର ନାହିଁ । ଯେ କେହି କଲ୍‌ମା ପଢ଼ିଥାଏ ସେ ହେଉଛି ମୁସଲମାନ, ହଁ ଯେଉଁ ବ୍ୟକ୍ତି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ କଥାକୁ ମାନୁନାହିଁ ସେ ମହାଭାଗ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଆସିଥିବା ମସିହ୍ ଏବଂ ମେହେଦୀ ଆ:ସଙ୍କୁ ମାନୁନାହାନ୍ତି ତାହେଲେ ସେ ପରିଶେଷରେ ଅମାନ୍ୟକାରୀ ଅଟେ । ଏହି ଦୃଷ୍ଟିକୋଣରୁ କୁଫର୍ ର ଅର୍ଥ ଅସ୍ୱୀକାର କରିବା ମଧ୍ୟ ହୋଇଥାଏ । ଅର୍ଥାତ କାହାକୁ ମଧ୍ୟ ଅସ୍ୱୀକାର କରିବା ।

**ଜର୍ନାଲିଷ୍ଟ ଜଣକ ପୁଣି ପଚାରିଲେ ଯମାତ୍ ଅହେମଦିୟାକୁ ଗୋଟିଏ ସୁଧାରକ ସମ୍ପ୍ରଦାୟ ଭାବରେ ଦେଖାଯାଉଅଛି । ଯମାତ୍ ଅହେମଦିୟାର ପ୍ରତିଷ୍ଠାତା କ'ଣ ସୁଧାର କରିଛନ୍ତି ?**

ହଜୁର ଅନୱର ଅ:ବ:ଅ କହିଲେ: ପ୍ରଶ୍ନ ଉଠୁଛି ଏହା କି, ଆପଣ ଯେଉଁ ସଂଜ୍ଞା ନିରୂପଣ କଲେ ଯେ, ଯମାତ୍ ଅମେହଦିୟାକୁ ଗୋଟିଏ ଇସ୍‌ଲାହି ସିଲ୍‌ସିଲା ଅର୍ଥାତ ସୁଧାରକ ଭାବରେ ଦେଖାଯାଉଅଛି ନା ତ ଏକଥା ଅଲ୍ଲାଃ କହିଛନ୍ତି, ନା ଏହାକୁ ରସୁଲ୍ କହିଛନ୍ତି ଯେ, ଏହା କେବଳ ଇସ୍‌ଲାହି ସିଲ୍‌ସିଲା ଅଟେ । ଅଲ୍ଲାଃ ତାଲା ସୁରାଃ ଜୁମାରେ ଏହା କହିଛନ୍ତି ଯେ, ଯେଉଁ ଧର୍ମକୁ ଆଁ ହଜ୍‌ରତ୍ ସ:ଆ:ସ ପ୍ରତିଷ୍ଠା କରିଛନ୍ତି ସେହି ଧର୍ମ ଉପରେ ପ୍ରତିଷ୍ଠିତ ରହି ଶେଷ ଯୁଗରେ କିଛି ଲୋକ ସୃଷ୍ଟି ହେବେ । ପୁଣି ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ, ଯଦି ଇମାନ୍ (ବିଶ୍ୱାସ) ସୁରୟା ନକ୍ଷତ୍ର ଠାରେ ମଧ୍ୟ ପହଂଚିଯାଇଥିବ (ଅର୍ଥାତ ଧର୍ମ ବିଶ୍ୱାସ ଉଠିଯାଇଥିବ) ତେବେ ସେହି ଲୋକମାନଙ୍କ ମଧ୍ୟରୁ କିଛି ଲୋକ ଉକ୍ତ ବିଶ୍ୱାସକୁ ଫେରାଇ ନେଇ ଆସିବେ ଅର୍ଥାତ ମସିହ ମଉଦ୍ ଆ:ସଙ୍କୁ ମାନୁଥିବା ଲୋକମାନେ ସେହି ବିଶ୍ୱାସକୁ ନେଇ ଆସିବେ । ତେବେ ଏହିପରି ଯେତେବେଳେ ଧର୍ମକୁ ଠିକ୍ ଭାବରେ ପ୍ରତିଷ୍ଠା କରିଦେବେ ସେତେବେଳେ ପୁଣି ଧର୍ମର ଯେଉଁ ମୌଳିକ କାର୍ଯ୍ୟ ରହିଛି ତାହା ସମ୍ପାଦନ ହେବ । ଉଦାହରଣ ସ୍ୱରୁପ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ, ଦୁଇଟି ମୂଖ୍ୟ କାର୍ଯ୍ୟ ପ୍ରଥମତଃ ଭକ୍ତଙ୍କୁ ଈଶ୍ୱରଙ୍କ ସହିତ ଯୋଡ଼ି ଦେବା ଓ ଦ୍ୱିତୀୟତଃ ମାନବଜାତିର ହକ୍‌କୁ ପ୍ରଦାନ କରିବା । ଯେତେବେଳେ ମଣିଷ ଈଶ୍ୱରଙ୍କ ସହିତ ସାକ୍ଷାତ କରିଥାଏ ସେତେବେଳେ ଈଶ୍ୱରଙ୍କ ଖାତିର୍ କାମ କରିବାକୁ ଚେଷ୍ଟା କରିଥାଏ । ତେଣୁ ସେ ଖରାପ କାର୍ଯ୍ୟ କରିପାରିବ ହିଁ ନାହିଁ ।

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି ଯେ, ଦୁଃଖି ଦରିଦ୍ରମାନଙ୍କର ଧ୍ୟାନ ରଖ, ଅନାଥମାନଙ୍କର ଧ୍ୟାନ ରଖ, ମୁସାଫିର୍ ମାନଙ୍କର ଧ୍ୟାନ ରଖ, ନିଜ ପଡ଼ୋଶୀମାନଙ୍କର ଧ୍ୟାନ ରଖ, ନିଜ ପତ୍ନୀମାନଙ୍କର ଧ୍ୟାନ ରଖ ଏବଂ ନିଜ ସନ୍ତାନମାନଙ୍କର ଠିକ୍ ତର୍‌ବିୟତ (ପ୍ରଶିକ୍ଷଣ) କର ଏବଂ ଏହିଭଳି ଅଗଣତି ମାର୍ଗଦର୍ଶନ ରହିଛି । ଏହି ସବୁ କଥା ଗୁଡ଼ିକ ସେ ପର୍ଯ୍ୟନ୍ତ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ଜଣେ ବାସ୍ତବିକ ନିଜର ଈଶ୍ୱରଙ୍କୁ ନ ମାନିଛି । ଯେତେବେଳେ ମଣିଷ କୌଣସି କାର୍ଯ୍ୟ କରିଥାଏ ଉଦାହରଣ ସ୍ୱରୁପ ଏ ଦେଶରେ ବହୁତ ଲୋକ ଚୋରିରୁ ନିବୃତ ରହୁଛନ୍ତି ବା ଚୋରୀ କରିବାକୁ ଡ଼ରୁଛନ୍ତି ବା କୌଣସି ଇଲାକାକୁ ବିନା କାରଣରେ ଯାଉନାହାନ୍ତି ଏହା ସେମାନେ ଏଥିପାଇଁ କରୁଛନ୍ତି ଯେ, ସେମାନେ ପୋଲିସ ବା ଦେଶର ନିୟମ କାନୁନକୁ ଭୟ କରୁଛନ୍ତି । ଯଦି ଆପଣ ଏଠାରେ ସେମାନଙ୍କୁ ଖୋଲାଖୋଲି ଅନୁମତି ଦେଇଦେବେ ଓ କୌଣସି ନିୟମ କାନୁନ ରହିବ ନାହିଁ । ସେତେବେଳେ ପୁଣି ପ୍ରତ୍ୟେକ ବ୍ୟକ୍ତିଙ୍କର ଚରିତ୍ର ମଧ୍ୟ ତଳକୁ ଖସିଯିବ । ତେଣୁ ଯେତେବେଳେ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ରହିବ ଓ ଅଲ୍ଲାଃ ତାଲାଙ୍କ ଖାତିର ମଣିଷ ସବୁକିଛି କରୁଥିବ ଓ ଅଲ୍ଲାଃଙ୍କର ଅଧିକାରକୁ ପ୍ରଦାନ କରୁଥିବ ତାହେଲେ ତାହାଙ୍କ ନିର୍ଦ୍ଦେଶ ମୁତାବକ ସେ ଅନ୍ୟମାନଙ୍କର ଅଧିକାର ମଧ୍ୟ ପ୍ରଦାନ କରିବ । ତେଣୁ ଇସ୍‌ଲାହି ସିଲ୍‌ସିଲା ଏଥିପାଇଁ ଯେ, ଆମେ ଏକଥା ମାନୁଛୁ କି ଆମର ଧର୍ମ ହେଉଛି ସ୍ୱୟମ ସମ୍ପୁର୍ଣ୍ଣ ଧର୍ମ କାରଣ ତାହା ଅଲ୍ଲାଃ ତାଲାଙ୍କ ସହିତ ସାକ୍ଷାତ କରାଇଥାଏ ଓ ଏ ଦୁନିଆରେ ମଧ୍ୟ ଲୋକମାନଙ୍କର ଅଧିକାରକୁ ପ୍ରଦାନ କରାଇଥାଏ ।

ହଜୁର ଅନୱର ଅ:ବ:ଅ କହିଲେ: Law and order ବିଷୟରେ ମୋର ମନେ ପଡ଼ିଗଲା ଯେ, ବିଗତ ଦିନ ପାକିସ୍ତାନରୁ କେହି ଜଣେ ମତେ ଖବର କାଗଜର ଗୋଟିଏ କଟିଙ୍ଗ ପଠାଇଥିଲେ ସେଥିରେ ଗୋଟିଏ ଜୁଲୁସ୍ ବାହାରୁଥିଲା ଓ ଲୋକମାନେ ନିଜ ନିଜ ହାତରେ ସେମି ଅଟୋମେଟିକ ରାଇଫଲ୍ ଧରିଥିଲେ ଓ ସେମାନେ ପ୍ରୋଟେଷ୍ଟ କରୁଥିଲେ । ଏବଂ ତା' ତଳେ କ୍ୟାପସନ ଲେଖାଯାଇଥିଲା ଯେ, ଏମାନେ ହେଉଛନ୍ତି ଘୋଟକି ଇଲାକାର ଡ଼ାକୁ ଯେଉଁମାନେ ପ୍ରୋଟେଷ୍ଟ କରୁଛନ୍ତି ଯେ, ପୋଲିସ ଆମ ଉପରେ ଅତ୍ୟାଚାର କରୁଅଛି ଓ ଆମର ଏତେ ରୋଜଗାର ନାହିଁ କିନ୍ତୁ ଏମାନେ ଆମଠାରୁ ପ୍ରେତ୍ୟକ ବ୍ୟକ୍ତିଙ୍କ ନିକଟରୁ ମାସ ଦୁଇମାସରେ ଏକଲକ୍ଷ ଟଙ୍କା ଲେଖାଏଁ ନେଉଛନ୍ତି । ପୋଲିସ୍‌ର ଏସ୍.ପି ସାହେବ ସେମାନଙ୍କୁ ଧରି ଜେଲ୍‌ରେ ପୁରାଇବା ପରିବର୍ତେ କହୁଛନ୍ତି ଯେ, ତୁମେମାନେ ପ୍ରୋଟେଷ୍ଟ କରୁଅଛ ଓ ତୁମେମାନେ ଲୁଟପାତ କରୁଛ ଓ ପୁଣି ତୁମେମାନେ ନିଜର ସଫେଇ କାହିଁ ଦେଉ ନ ଯେ ଆମେ ଲୁଟପାଟ କରୁନାହୁଁ ବରଂ ଏକଥା ସ୍ୱୀକାର କରୁଅଛ ଯେ ଆମ ଲୁଟ୍‌ର ଧନ ଏତେ ମାତ୍ରାରେ ନାହିଁ ଯେତେମାତ୍ରାରେ ପୋଲିସ ଆମଠାରୁ ନେଉଅଛି । ତୁମେମାନେ ଲୁଟପାଟ ତ କରୁଛ ଅଳ୍ପ ହେଉ ବା ଅଧିକ ତେଣୁ ସମସ୍ତଙ୍କୁ ଜେଲ୍‌ରେ ବନ୍ଦ କରିବା ପରିବର୍ତେ ଏସ୍.ପି ସାହେବ ବୟାନ ଦେଉଛନ୍ତି ଯେ, ଏହି ଡ଼ାକୁ ମାନେ ଭୁଲ୍ କଥା କହୁଛନ୍ତି । ଯେବେକି ଆମେ ଏହି ଡ଼ାକୁମାନଙ୍କଠାରୁ ଏତେ ଟଙ୍କା ପଇସା ନେଉନାହୁଁ । ହଜୁର ଅନୱର ଅ:ବ:ଅ କହିଲେ, ଦେଖନ୍ତୁ Law and order ର କେଉଁଭଳି ପରିସ୍ଥିତି ତେଣୁ ଏମାନଙ୍କର କ'ଣ ସୁଧାର ହେବ ।

ଆମେ ଯେଉଁ ଇସ୍‌ଲାହ୍ (ସୁଧାର) କଥା କହୁଅଛୁ ତାହା ହେଉଛି ଏହା କି ଇସ୍‌ଲାମ୍ର ଦୁଇଟି ସିଦ୍ଧାନ୍ତ ରହିଛି ଗୋଟିଏ ହେଉଛି ଈଶ୍ୱରଙ୍କ ଉପାସନା କରିବା ଅର୍ଥାତ ଈଶ୍ୱରଙ୍କ ପ୍ରତି ଥିବା କର୍ତବ୍ୟକୁ ପାଳନ କରିବା ଏବଂ ଲୋକମାନଙ୍କର ଅଧିକାରକୁ ପ୍ରଦାନ କରିବା । ଯେତେବେଳେ ଲୋକମାନଙ୍କର ଅଧିକାର ଦିଆଯିବ । ତାହା ହିଁ ଇସ୍‌ଲାହି ଜିନିଷ ହୋଇଯିବ । ହଜୁର ଅନୱର ଅ:ବ:ଅ କହିଲେ: ମୁଁ ପ୍ରଥମେ ମଧ୍ୟ ଏକଥା କହିସାରିଛି ବରଂ ଏଠାରେ କୌଣସି ଏକ ସ୍ଥାନରୁ ପ୍ରଫେସର ସାହିବା ଆସିଥିଲେ, ତାଙ୍କୁ ମଧ୍ୟ ମୁଁ ଏକଥା ବତାଇଥିଲି ଯେ, ଏକଦା ମୋଜେତଙ୍ଗ ସମୟରେ ପାକିସ୍ତାନର ଗୋଟିଏ ମନ୍ତ୍ରୀ ପରିଷଦ ଚୀନ୍ ଗସ୍ତରେ ଗଲା ଏବଂ ସେ ପଚାରିଲା ଯେ, ଆପଣ ବହୁତ ଉନ୍ନତି କରିସାରିଛନ୍ତି । ଆପଣ ଏତେମାତ୍ରାରେ reform କେମିତି କଲେ । ଏଥିରେ ସେ କହିଲେ ଯେ, ତୁମେ ମତେ କାହିଁକି ପଚାରୁଛ ? ଯାଅ ତୁମ ରସୁଲ୍‌ଙ୍କ ପୁସ୍ତକକୁ ପଢ଼ । ସେଥିରେ ସ୍ୱଷ୍ଟ ଭାବରେ ସବୁ କଥା ଲେଖାଯାଇଅଛି । ତୁମେ ଯଦି ତା' ଉପରେ ପରିଚାଳିତ ହେବ ସବୁ କିଛି ଠିକ୍ ହୋଇଯିବ । ଅତଏବ ପବିତ୍ର କୁର୍‌ଆନ୍ ହେଉଛି ଇସ୍‌ଲାହି କିତାବ୍ (ଅର୍ଥାତ ସୁଧାରକ ପୁସ୍ତକ) ଏହା ଧର୍ମ ସହିତ ଇସ୍‌ଲାହ୍ ମଧ୍ୟ କରିଥାଏ ।

ଅତଏବ ଅସଲ କଥା ହେଉଛି ଏହା ଯେ, ଯେବେ ଆମେ ପ୍ରକୃତ ମୁସଲମାନ ହୋଇଯିବା ଆମର ଇସ୍‌ଲାହ୍ ମଧ ହୋଇଯିବ ଓ ଆମେମାନେ ଅନ୍ୟମାନଙ୍କ ଇସ୍‌ଲାହ୍ କରିବାପାଇଁ ଯୋଗ୍ୟ ମଧ ହୋଇଯିବା । ଦୁଇ ଦିନ ପୂର୍ବେ ଆଖନ୍ ସହରରେ ଆପଣମାନଙ୍କର ଅନେକ ମେୟର ଅଫ୍ ପାର୍ଲାମେଂଟ ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ବହୁତ କଥା ଉପସ୍ଥାପନ କଲେ । ତେଣୁ ମୁଁ ମଧ ସେମାନଙ୍କର ସେହି କଥାକୁ ପବିତ୍ର କୁର୍‌ଆନ୍‌ର ସନ୍ଦର୍ଭରେ ବତାଇ ଦେଲି । ଏଥିରେ ଯେଉଁ କମେଂଟ୍‌ସ ମତେ ମିଳିଲା ଯେ, ଏହି ଶିକ୍ଷା ଏତେ ଉଚ୍ଚ କୋଟୀର ଯେ, ପ୍ରତ୍ୟେକ ବ୍ୟକ୍ତି ତାକୁ ଆପଣାଇବା ଉଚିତ । ସୁତରାଂ ଏହି ଇସ୍‌ଲାହ୍ ଆମେମାନେ କରୁଅଛୁ ଓ ଏହି ଇସ୍‌ଲାହ୍ ଇସ୍‌ଲାମ୍ କରିଥାଏ ।

**ଜର୍ନାଲିଷ୍ଟ ଜଣକ ପଚାରିଲେ ମୁସଲମାନମାନଙ୍କ ମଧ୍ୟରେ ଜମାତ୍ ଅହେମଦୀୟା ହିଁ ଏକଥା କହିଥାଏ ଯେ, ଯାହାଙ୍କ ଅପେକ୍ଷା କରାଯାଉଥିଲା ସେ ଆସି ଯାଇଛନ୍ତି ।**

ଏହାର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ପ୍ରଶ୍ନ ଉଠୁଛି ଏହା ଯେ, ଯଦି ସମସ୍ତେ ଏକଥା କହିବାକୁ ଲାଗିଯିବେ ତେବେ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଏକଥା କାହିଁକି କହିଥିଲେ ଯେ, ମୁସଲମାନମାନଙ୍କ ମଧ୍ୟରୁ ଗୋଟିଏ ଫିର୍କା ହେଉଛି ନାଜି (ଅର୍ଥାତ ମୋକ୍ଷ ପ୍ରାପ୍ତ କରିଥିବା ଫିର୍କା) ଏବଂ ଅନ୍ୟ ସମସ୍ତେ ହେଉଛନ୍ତି ନାରି (ଅର୍ଥାତ ଅଗ୍ନିରେ ପଡ଼ିବେ) । ତେଣୁ ଏହି ପେଶ୍‌ଗୋଇ ପୂରଣ ହେବାର ଥିଲା । ଯେଉଁ ଲୋକମାନେ real-ize କରୁଛନ୍ତି କି ଯାହାଙ୍କୁ ଆସିବାର ଥିଲା ସେ ଆସି ସାରିଛନ୍ତି ଓ ଇସ୍‌ଲାମ୍‌ର ଅସଲ ଶିକ୍ଷା ହେଉଛି ଏହା ସେତେବେଳେ ଏପରି ଲୋକେ ଅହେମଦୀ ହେଉଅଛନ୍ତି । ଲଣ୍ଡନର ଗୋଟିଏ ରେଡ଼ିଓ ଷ୍ଟେସନ ହେଉଛି LBC । ଏହି ରେଡ଼ିଓ ଜଣେ ପ୍ରଶିଦ୍ଧ ସାମ୍ବାଦିକ ମୋର Interview ନେଇଥିଲେ । ବୋଧ ହୁଏ ଆପଣ ମଧ୍ୟ ତାହା ଶୁଣିଥିବେ ମୁଁ ତାଙ୍କୁ ଏକଥା କହିଥିଲି ଯେ, ଯେବେ ଏଠାରୁ ଦଶ କୋଡ଼ିଏ ଜଣ ଲୋକ ISIS ରେ ଯାଉଛନ୍ତି ସେତେବେଳେ ତୁମେମାନେ କେମିତି ପ୍ରପଗଣ୍ଡା କରୁଅଛ ଏବଂ ଖବର କାଗଜଗୁଡ଼ିକରେ ଇସ୍ତେହାର ଇସ୍ତେହାର ଦେଉଛ ଏବଂ ଲକ୍ଷ ଲକ୍ଷ ଲୋକ ନିଜକୁ ସୁଧାରି ଶାନ୍ତି ପ୍ରୀୟ ହେବାପାଇଁ ଯମାତ୍ ଅହେମଦିୟାରେ ପ୍ରତ୍ୟେକ ବର୍ଷ ସାମିଲ ହେଉଛନ୍ତି । ଏହି ଲୋକମାନଙ୍କର ଚର୍ଚ୍ଚା ତୁମେମାନେ ଖବରକାଗଜରେ କରୁନାହଁ । ତୁମେ ଯେଉଁ ଏକଥା କହୁଛ ଯେ, ତୁମେମାନେ ହେଉଛ ବହୁତ ନ୍ୟାୟବନ୍ତ । ଆମ ଜଲସା ସାଲାନା ଆସୁଅଛି ସେଥିରେ ବୟତର ଘୋଷଣା କରାଯିବ ତୁମେ ତାଙ୍କ ରେଡ଼ିଓରେ ଖବର ଦେବ ପୁଣି ମୁଁ ଦେଖିବି ଯେ, ତୁମେ କେତେ ଇନ୍‌ସାଫ୍ ପସନ୍ଦ (ନ୍ୟାୟବାନ) ।

*ଅବଶିଷାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।’’ *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ପବିତ୍ର କୋରାନ୍‌କୁ ବୁଝିବା ଓ ତା’ ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)’’ *(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

‘‘ଯଦି ତୁମେ ଚାହୁଁଛ ଯେ, ତୁମ୍‌କୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।’’ *(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ

‘‘ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ’’

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିଓ୍ୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିଓ୍ୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିଓ୍ୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର, ପିନ୍-୧୪୩୫୧୬**
**ମୋବାଇଲ:-୦୯୮୨୭୨୭୫୯୨, ୦୯୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିଓ୍ୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ)**

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ଚ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 09 Sep 2021 Issue No. 36

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ମଇ ଜୁନ୍ ୨୦୧୫)

*ହଜୁର ଅନଓ୍ଵର ଅ:ବ:ଅଙ୍କ ତାଜା ୟୁରୋପ ଗସ୍ତ (ସେପ୍ଟେମ୍ବର ଅକ୍ଟୋବର ୨୦୧୯)ର ରିପୋର୍ଟ ଗତ ସଂଖ୍ୟାରେ ଶେଷ ହୋଇଯାଇଛି । ଅଲ୍‌ହମ୍‌ଦୁଲିଲ୍ଲାଃ ଏବେ ଏହି ସଂଖ୍ୟାରୁ ୨୦୧୫ ମସିହାର ରିପୋର୍ଟ ପ୍ରକାଶିତ ହେବ । ଯେପର୍ଯ୍ୟନ୍ତ ହଜୁର ଅନଓ୍ଵର ଅ:ବ:ଅଙ୍କ ଗସ୍ତର କୌଣସି ତାଜା ରିପୋର୍ଟ ହସ୍ତଗତ ନ ହୋଇଛି ସେ ପର୍ଯ୍ୟନ୍ତ ବିଗତ ରିପୋର୍ଟ ଗୁଡ଼ିକ ଯାହା ପ୍ରକାଶିତ ହୋଇପାରିନାହିଁ ତାହା ଏଥିରେ ସାମିଲ କରାଯିବ । ତାଜା ରିପୋର୍ଟ ହସ୍ତଗତ ହେବାରେ ପୂର୍ବ ରିପୋର୍ଟଗୁଡ଼ିକୁ ରୋକି ଦିଆଯାଇ ତାଜା ରିପୋର୍ଟ ପ୍ରକାଶ କରାଯିବ । (କାର୍ଯ୍ୟାଳୟ)*

**୨୫ ମଇ ୨୦୧୫ (ସୋମବାର)**

**ଅବିଶିଷ୍ଟାଂଶ**

ପତ୍ରକାରଙ୍କ ପ୍ରଶ୍ନର ଉତର ଦେଇ ହଜୁର ଅନଓ୍ଵର ଅ:ବ:ଅ କହିଲେ: ପ୍ରକୃତ କଥା ହେଉଛି ଏହା କି କୌଣସି କାର୍ଯ୍ୟ କରିବାକୁ ହେଲେ ତାହାର କିଛି ନିୟମ କାନୁନ ରହିଛି । ଆମେ ତ ଏକଥା କହୁଛେ ଯେ, ଇସ୍‌ଲାମ୍ ବହୁତ ଜ୍ଞାନବର୍ଦ୍ଧକ ଶିକ୍ଷା ଦେଉଥିବା ଧର୍ମ ଅଟେ । ତେଣୁ ଯଦି ଇସ୍‌ଲାମ୍ ଏପରି ତାତ୍ତ୍ୱିକ ମାର୍ମିକ ଜ୍ଞାନ ଦେଉଅଛି । ତାହାଲେ ପୁଣି ଏପରି କୌଣସି କାର୍ଯ୍ୟ ହେବା ଉଚିତ ନୁହେଁ ଯାହା ବୌଦ୍ଧିକ ଓ ତାତ୍ତ୍ୱିକ ନ ହୋଇଥିବ । ଏବେ କୌଣସି ସରକାରକୁ ସ୍ଥାପନ କରିବାକୁ ହେଲେ ଏପରି କେବେ ହୋଇନଥାଏ ଯେ, ଜଣେ ଅଚାନକ ଛିଡ଼ା ହୋଇ ଏ ଘୋଷଣା କରିଦେବ ଯେ, ମୁଁ ହେଉଛି ସମ୍ରାଟ ଓ ସମସ୍ତେ ତାଙ୍କୁ ମାନିନେବେ ଓ ତାଙ୍କୁ ଅନୁସରଣ କରିବେ । ସାଂସାରିକ ସରକାରଗୁଡ଼ିକ ମଧ୍ୟ ଏପରି ହୋଇଥାଏ ଯେ, ପ୍ରଥମେ ଗୋଟିଏ ଗ୍ରୁପ ତିଆରି ହୋଇଥାଏ ପୁଣି ଧିରେ ଧିରେ ତାହାର ଡ଼େଭଲ୍‌ପମେଂଟ ହୋଇଥାଏ । କିନ୍ତୁ ଯେହେତୁ ତାହା Dictatorship ହୋଇଥାଏ ତେଣୁ ତାହା Might is right (ଯୋର୍ ଯାହାର ମୂଲକ ତାହାର) ନିୟମ ଉପରେ ଚାଲିଥାଏ । ତା' ପରେ ପୁଣି ଏହି ସାଂସାରିକ ସରକାର ଗଠନ ହୋଇଥାଏ ଓ ସମ୍ରାଟମାନେ ଅନ୍ୟ ରାଷ୍ଟ୍ର ଉପରେ ଆକ୍ରମଣ କରିଥାନ୍ତି ଓ ତାହାକୁ କବ୍‌ଜା ମଧ୍ୟ କରିଥାନ୍ତି ।

କିନ୍ତୁ ଇସ୍‌ଲାମ୍ ତ' ଏକ ହିକ୍‌ମତ୍ (ଅର୍ଥାତ ଉଚିତ ନ୍ୟାୟପୂର୍ଣ୍ଣ) ଧର୍ମ ଅଟେ । ଇସ୍‌ଲାମ୍ ପ୍ରତ୍ୟେକ କଥାରେ ଗୋଟିଏ ଗୋଟିଏ ଦଲିଲ୍ ଦେଇଛି । ଇସ୍‌ଲାମ୍ ମୂଳତଃ ଏକଥା କହିଛି ଯେ, ଖିଲାଫତ୍‌ର ସମ୍ବନ୍ଧ ନବୁଓ୍ଵତ ସହିତ ରହିଛି । ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ, ପ୍ରଥମେ ନବୁଓ୍ଵତ ହେବ ପୁଣି ଖିଲାଫତେ ଆଲା ମିନ୍‌ହାଜେ ନବୁଓ୍ଵତ (ଅର୍ଥାତ ନୁବଓ୍ଵତର ମାର୍ଗକୁ ଅନୁସରଣ କରି ଖିଲାଫତ୍) ହେବ । ନବୁଓ୍ଵତର ସିଦ୍ଧାନ୍ତ କ'ଣ ? ନୁବଓ୍ଵତର ସିଦ୍ଧାନ୍ତ ଏହା ଯେ ନ୍ୟାୟ କର, ଈଶ୍ଵରଙ୍କ ଆଡ଼କୁ ଲୋକମାନଙ୍କୁ ଡ଼ାକି ଆଣ ଏବଂ ଦୟା କର । ଯଦି ଅତ୍ୟାଚାର ହିଁ ଅତ୍ୟାଚାର ଥାଆନ୍ତା ତାହେଲେ ଅଲ୍ଲାଃ ତାଲା ନିଜକୁ ରହ୍‌ମାନ୍ ଏବଂ ରହିମ୍ (ଦୟାଳୁ ଓ କୃପାଳୁ) କହିନଥାନ୍ତା । ଯଦି ଅତ୍ୟାଚାର ହିଁ ଅତ୍ୟାଚାର ଥାଆନ୍ତା ତାହେଲେ ଅତ୍ୟାଚାର ଆଁ ହଜ୍‌ରତ୍ ସ:ଆ:ସଙ୍କୁ ରହମତୁଲ୍ ଲିଲ୍ ଆଲ୍‌ମିନ୍ (ଅର୍ଥାତ ସାରା ସଂସାର ପାଇଁ କରୁଣା) କହିନଥାନ୍ତା । ଇସ୍‌ଲାମ୍‌ରେ ଯେଉଁଠି ମଧ୍ୟ ଯୁଦ୍ଧ କରାଯାଇଅଛି ତାହାର କାରଣ ଓ ଦଲିଲ୍ ପବିତ୍ର କୁର୍‌ଆନ୍‌ରେ ଉଲ୍ଲେଖ ରହିଛି ବିନା କୌଣସି ଦଲିଲ୍‌ରେ କେବେ ବି ଯୁଦ୍ଧ କରାଯାଇନାହିଁ । ପବିତ୍ର କୁର୍‌ଆନ୍ ତ' ଏକଥା କହିଛି ଯେ, ତୁମେ ବିନା କାରଣରେ ଆକ୍ରମଣ ହିଁ କରନାହିଁ ଓ ତରବାରୀ ଚାଳନା କରନାହିଁ । ପ୍ରଥମେ ବିପକ୍ଷ ଗୋଷ୍ଠୀକୁ ପଚାରି ନିଅ ଯେ, ତୁମେ କ'ଣ ଚାହୁଁଛ ? ଯୁଦ୍ଧ ଚାହୁଁଛ ବା ଶାନ୍ତି ଚାହୁଁଛ ? ତୁମ ଉପରେ କୌଣସି ଯୁଦ୍ଧକୁ ଥୋପି ଦିଆଯିବ ନାହିଁ ।

ପୁଣି କହିଲେ: ପବିତ୍ର କୁର୍‌ଆନ୍ ତ' ଏ ଶିକ୍ଷା ଦେଉଛି ତାହାକୁ ମଧ୍ୟ ତୁମେ ଏକଥା କୁହନାହିଁ ଯେ, ତୁମେ ମୋମିନ୍ ନୁହଁ । ତେଣୁ ଖିଲାଫତ୍ ପାଇଁ ମଧ୍ୟ କିଛି ନିୟମ କାନୁନ ରହିଛି । ସୁତରାଂ ସେହି ନିୟମ କାନୁନ ଅନ୍ତର୍ଗତ ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ପ୍ରଥମେ ''ନବୁଓ୍ଵତ'' ତା'ପରେ ପୁଣି ଖିଲାଫତେ ଆଲା ମିନ୍‌ହାଜେ ନବୁଓ୍ଵତ । ପୁଣି ତା'ପରେ ଏକଥା କୁହାଯାଇଛି ଯେ, ଇସ୍‌ଲାମ୍‌ର ଶାସନ ହେବା ସତ୍ତ୍ୱେ ମଧ୍ୟ ସମ୍ରାଟମାନେ ନିଜକୁ ଖଲିଫା ବୋଲାଇବେ । କିନ୍ତୁ ତାହା ସାମ୍ରାଜ୍ୟ ହେବ । ପୁଣି ତା'ପରେ ଅତ୍ୟାଚାରୀ ରାଜା ହେବେ । ପୁଣି ଚରମପନ୍ଥୀ ଓ ସନ୍ତ୍ରାସବାଦ ଅତ୍ୟାଚାରୀ ରାଜା ହେବେ । ପୁଣି ଏପରି ସମୟ ଆସିବ ଯେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସ ଆର୍ବିଭାବ ହେବେ । ତା'ପରେ ପୁଣି ପୂର୍ନବାର ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପରେ ଖିଲାଫତେ ଆଲା ମିନ୍‌ହାଜେ ନବୁଓ୍ଵତ ପ୍ରତିଷ୍ଠା ହେବ । ଏବେ ଯେଉଁମାନେ ଖିଲାଫତ୍‌ର ଦାବି କରୁଛନ୍ତି ସେମାନେ ସାମ୍ରାଜ୍ୟ, ଦେଶ ଜୟ କରିବା ଏବଂ ଅତ୍ୟାଚାରୀ ସାମ୍ରାଜ୍ୟ ପ୍ରତିଷ୍ଠା କରିବା ଉପରେ କାର୍ଯ୍ୟ କରୁଛନ୍ତି । ସେମାନେ ତ ଉକ୍ତ ନିୟମ କାନୁନକୁ ମାନିଲେ ନାହିଁ ଯାହାକୁ ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ବଡ଼ ହଦିସ୍‌ରେ ବର୍ଣ୍ଣନା କରିଥିଲେ । ସେହି ନିୟମ ଏହା ଥିଲା ଯେ, ଅତ୍ୟାଚାରୀ ସମ୍ରାଟ ଓ ଜୋର୍ ଜବରଦସ୍ତ ସଂଘାସନରେ ବସିଥିବା ରାଜାମାନଙ୍କ ପରେ ମସିହ ମଉଦ୍ ଆ:ସ ଆସିବେ ଓ ତାଙ୍କ ପରେ ପୁଣି ଖିଲାଫତ୍ ପ୍ରତିଷ୍ଠା ହେବ । ପୁଣି ସେହି ଖିଲାଫତ୍ ଇସ୍‌ଲାମ୍‌ର ଶିକ୍ଷାକୁ ଜାରି କରିବ ।

ଯଦି ତରବାରୀ ଚାଳନା କରି ଏ ପୃଥିବୀରେ ଇସ୍‌ଲାମ୍‌ର ପ୍ରଚାର ପ୍ରସାର କରିବାକୁ ଥିଲା, ଯିଏ ଇସ୍‌ଲାମ୍‌କୁ ମାନୁନାହିଁ ତାଙ୍କୁ ହତ୍ୟା କରିବାର ଥିଲା, ଖ୍ରୀଷ୍ଟିୟାନ୍ ମାନଙ୍କୁ ଖୁନୀ ମେହେଦି ଆସି ମାରିବାର ଥିଲା, ମସିହ ମଉଦ୍ ଆସି ତରବାରୀ ଚାଳନା କରିବାର ଥିଲା, ମସିହ ମଉଦ୍ ଆସି ଘୁଷୁରୀମାନଙ୍କୁ ନିପାତ କରିବାର ଥିଲା ତାହେଲେ ଯଦି ସେହି ଖୁନୀ ମେହେଦୀ ଓ ମସିହ ମଉଦ୍ ଏକାଠି ମିଶି ସାରା ପୃଥିବୀକୁ ଧ୍ୱଂସ କରିଦେବେ ତେବେ ପୁଣି କିଏ ବଂଚି ରହିବ । ଏହା ଗୋଟିଏ ଲମ୍ବା ହଦିସ୍ ତେଣୁ ଏଠାରେ ସଂକ୍ଷିପ୍ତରେ ବର୍ଣ୍ଣନା କରୁଅଛି ।

ଅସଲ ସିଦ୍ଧାନ୍ତ ହେଉଛି ଏହା ଯାହା ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ, କହିଛନ୍ତି ଯେ, ପ୍ରକୃତ ଖିଲାଫତ୍ ତାହା ହେବ ଯାହା ମୋ ମେହେଦୀଙ୍କ ଆସିବା ପରେ ପ୍ରତିଷ୍ଠା ହେବ । ତେଣୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜକୁ ଖାତମୁଲ୍ ଖୋଲ୍‌ଫାଆ ମଧ୍ୟ କହିଛନ୍ତି । ତେଣୁ ବିନା କୌଣସି ନବୁଓ୍ଵତ୍‌ରେ ଖିଲାଫତ୍ କାଏମ୍ ହୋଇପାରିବ ନାହିଁ । ଚାରିଜଣ ଖଲିଫା ରାଶେଦିନ୍ ତ' ଚାଲିଯାଇଛନ୍ତି । ଏବେ ଏ ବାଗ୍‌ଦାଦୀ ସାହେବ୍ କ'ଣ ପଂଚମ ଖଲିଫା ଅଟନ୍ତି ? ପୁଣି ବିଗତ ୧୪୦୦ ବର୍ଷ ମଧ୍ୟରେ କୌଣସି ଖଲିଫା ହୋଇନାହାନ୍ତି ।

ହଜୁର ଅନଓ୍ଵର ଅ:ବ:ଅ କହିଲେ, ଅତଏବ ଅସଲ ସିଦ୍ଧାନ୍ତ ହେଉଛି ତାହା ଯାହା ନବୀ କରିମ୍ ସ:ଆ:ସ କହିଛନ୍ତି ଯେ, ଅତ୍ୟଚାରୀ ସମ୍ରାଟଙ୍କ ପରେ ମସିହ ମଉଦ୍ ଆ:ସଙ୍କୁ ଆସିବାର ଥିଲା ପୁଣି ତାହାଙ୍କ ଜରିଆରେ ଆଗକୁ ଖିଲାଫତ୍ କାଏମ୍ ହେବାର ଥିଲା ବା ପ୍ରତିଷ୍ଠା ହେବାର ଥିଲା ଯାହା ନବୁଓ୍ଵତର ମୂଳଦୁଆ ଉପରେ, ନବୁଓ୍ଵତ୍‌ର ଶୈଳୀରେ ଏବଂ ସେହି ସିଦ୍ଧାନ୍ତ ଉପରେ ପରିଚାଳିତ ହେବାର ଥିଲା ଯାହା ଉପରେ ଖିଲାଫତେ ରାଶିଦା ପରିଚାଳିତ ହେଉଥିଲା । ସୁତରାଂ ଏହା ହେଉଛି ଫରକ ଯେ, ଆମେମାନେ ଇସ୍‌ଲାମ୍‌ର ଶିକ୍ଷା ମୁତାବକ ପରିଚାଳିତ ହେଉଅଛୁ ତେଣୁ ଜମାତ୍ ଅହେମଦୀୟାରେ ଇସ୍‌ଲାମ୍‌ର ସିଦ୍ଧାନ୍ତ ଓ ନିୟମ କାନୁନ ଖିଲାଫତ୍ ପ୍ରତିଷ୍ଠା ହୋଇଛି । ଏପରି ନୁହେଁ ଯେ, ମୁଁ ଛିଡ଼ା ହୋଇ ଘୋଷଣା କରିଦେଲି କି, ମୁଁ ହେଉଛି ଖଲିଫା ଓ ଆପଣମାନେ ମୋର ବୟତ କରିନେଲେ । ମୁଁ ତ' ଏଥିରୁ ବଂଚି ରହୁଥିଲି ଯେ, ଖିଲାଫତ୍ ନ ମିଳୁ କିନ୍ତୁ ମତେ ଜୋର୍ ଜବରଦସ୍ତି ବାଧ୍ୟ କରି ଏଥିପ୍ରତି ଟଣା ଯାଇଅଛି । ଯେଉଁ ସାଂସାରିକ ଖିଲାଫତ୍ ରହିଛି ସେଥିରେ ସେମାନେ ନିଜେ ଚେଷ୍ଟା କରି ଖଲିଫା ହୋଇଥାଆନ୍ତି । କିନ୍ତୁ ଯେଉଁ ପ୍ରକୃତ ଖିଲାଫତ୍ ରହିଛି ତାହା ତ' କାହାକୁ ବାଧ୍ୟ କରି ଦିଆଯାଏ ଅର୍ଥାତ ଅଲ୍ଲାଃ ତାଲାଙ୍କ ତରଫରୁ ହିଁ ଦିଆଯାଇଥାଏ । ଲୋକମାନଙ୍କ ମନରେ ତାହା ପକାଇ ଦିଆଯାଏ ଯେ, ଇଏ ହେଉଛନ୍ତି ତୁମର ଖଲିଫା ।

**ଜର୍ନାଲିଷ୍ଟ ପତ୍ରକାର ଜଣକ ପୁଣି ପ୍ରଶ୍ନ କଲେ ଯେ, ଲୋକମାନେ ଏକଥା କହୁଛନ୍ତି କି, ଏ ପୃଥିବୀରେ ଅନେକ ସଂଘଠନ ରହିଛି ସମସ୍ତେ ଏକଥା କହୁଛନ୍ତି ଯେ, ଆମ ହେଉଛି ସଚ୍ଚା ମୁସଲମାନ ତେଣୁ ଏପରି ସ୍ଥଳେ ଆପଣଙ୍କ ନିକଟରେ ଏମିତି କିଛି ପରମର୍ଶ ଅଣମୁସଲମାନମାନଙ୍କ ପାଇଁ ଅଛି କି, ଯଦ୍ଦ୍ୱାରା ସେମାନେ ପ୍ରକୃତ ମୁସଲମାନମାନଙ୍କୁ ଚିହ୍ନିପାରିବେ ?**

ଏହି ପ୍ରଶ୍ନର ଉତର ଦେଇ ହଜୁର ଅନଓ୍ଵର ଅ:ବ:ଅ କହିଲେ:

ପ୍ରକୃତ କଥା ହେଉଛି ଏହା ଯେ, ଅବସ୍ୟ ଯେକୌଣସି ବ୍ୟକ୍ତି ଏ ଦାବି କରିପାରେ ଯେ, ଆମେ ହେଉଛୁ ମୁସଲମାନ । ମୁଁ ତ ପ୍ରଥମେ ଏକଥା ମଧ୍ୟ କହିସାରିଛି ଯେ, ଯିଏ ଏକଥା କହୁଛି କି **ଲା ଇଲାହା ଇଲ୍ଲଲ୍ଲାଃ ମୁହମଦୁର୍ ରସୁଲୁଲ୍ଲାଃ** ସେ ହେଉଛି ମୁସଲମାନ । ଏବେ ଦେଖିବା ପ୍ରକୃତ ମୁସଲମାନ କିଏ ଓ କିଏ ନୁହନ୍ତି ଏହା ଜାଣିବାପାଇଁ ପୁଣି ଆମକୁ ତାହାଙ୍କ ନିକଟକୁ ଯିବାକୁ ପଡ଼ିବ । ଯାହାଙ୍କୁ ଅଲ୍ଲାଃ ତାଲା ଇସ୍‌ଲାମ୍‌ର ଶିକ୍ଷା ଦେଇ ପ୍ରେରଣ କରିଛନ୍ତି । ସେ ହେଉଛନ୍ତି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ତେଣୁ ମହାଭାଗ ସ:ଆ:ସ ଏକଥା କହିଛନ୍ତି ଯେ, ଯେଉଁଭଳି ପ୍ରଥମେ ଇହୁଦୀମାନଙ୍କର ୭୨ ଫିର୍କା ଥିଲେ ଏଠାରେ ଇସ୍‌ଲାମ୍‌ରେ ୭୩ ଫିର୍କା ହୋଇଯିବେ ଏବଂ ୭୩ ତମ ଫିର୍କା ଯମାତ୍ ସହିତ ପ୍ରତିଷ୍ଠା ହେବ ।

ଏହି ସବୁ ଫିର୍କାଗୁଡ଼ିକ କିଭଳି ସୃଷ୍ଟି ହେଲେ । ଦୁଇଟି ହିଁ ମୁଖ୍ୟ ଫିର୍କା ଅଟନ୍ତି ଗୋଟିଏ ହେଉଛି ସୁନ୍ନି ଓ ଅନ୍ୟଟି ସିହା । ଏବେ ସେମାନଙ୍କ ମଧ୍ୟରେ ମଧ୍ୟ ସବ୍‌ଡ଼ିଭିଜନ୍ ହୋଇଗଲା । ଏବେ ସୁନ୍ନିମାନଙ୍କ ମଧ୍ୟରେ ୩୪ ରୁ ୩୫ଟି ଫିର୍କା ରହିଛନ୍ତି । ସେହିପରି ସିହାମାନଙ୍କର ମଧ୍ୟ ସେତିକି ଫିର୍କା ରହିଛି । ଯେଉଁ ଅସଲ ଫିକାଃ ରହିଛି ଯାହା ଉପରେ ଲୋକମାନେ ପରିଚାଳିତ ହେଉଛନ୍ତି ତାହା ହେଉଛି ଚାରୋଟି ହଲଫି, ଶାଫିଇ, ମାଲିକି ଏବଂ ହମ୍ବଲି । କିନ୍ତୁ ୭୨ଟି ଫିର୍କା ରହିଛି । ପ୍ରତ୍ୟେକ ମୌଲବୀ ନିଜ ନିଜର ଗୋଟିଏ ଫିର୍କା ତିଆରି କରିଛନ୍ତି । କିଛି ସପ୍ତାହ ପୂର୍ବରୁ ଗୋଟିଏ ଖୁତ୍‌ବାରେ ମୁଁ ଏକଥା ବତାଇଥିଲି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କର କିଛି ହଓ୍ଵାଲା ଥିଲା

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan